ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Vol.26 . No.220 Bhubaneswar Sunday October 08 2023 | ୨୬ତମ ବର୍ଷ ସଂଖ୍ୟା–୨୨୦ ଭୁବନେଶ୍ୱର, ରବିବାର, ଅକ୍ଟୋବର ୦୮, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

# ଚୀନରେ ଇତିହାସ ରଚିଲା ଭାରତ, ଦେଶକୁ ଆସିଲା ୧୦୭ ପଦକ



ଭୁବନେଶ୍ୱର,୭।୧୦(ପିଏନ):ଆସନ୍ତାକାଲି ଉଦ୍‌ଯାପିତ ହେବ ଏସିଆନ ଗେମ୍ସ। ତା'ପୂର୍ବରୁ ଆଜି ଅଭିଯାନ ଶେଷ କରିଛି ଭାରତ। ରେକର୍ଡ ୧୦୭ଟି ପଦକ ଜିତିଛି। ତା' ମଧ୍ୟରେ ରହିଛି ୨୮ ସ୍ୱର୍ଣ୍ଣ, ୩୮ ରୌପ୍ୟ ଓ ୪୧ ବ୍ରୋଞ୍ଜ। ଏସିଆନ ଗେମ୍ସ ଇତିହାସରେ ଭାରତ ଏତେ ସଂଖ୍ୟକ ପଦକ କେବେ ଜିତି ନଥିଲା। ୨୦୧୮ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ଭାରତ ୭୦ଟି ପଦକ ଜିତିଥିଲା।୧୦୭ଟି ପଦକ ମଧ୍ୟରୁ ସର୍ବାଧିକ ପଦକ ଆସିଛି ଆଥଲେଟିକ୍ସରୁ। ଏଥିରେ ୬ଟି ସ୍ୱର୍ଣ୍ଣ ସମେତ ୨୯ଟି ପଦକ ରହିଛି। ଏହା ତଳକୁ ଅଛି ଶୁଟିଂ। ଏଥିରୁ ଆସିଛି ୨୨ଟି ପଦକ। ତା' ମଧ୍ୟରେ ରହିଛି ୭ଟି ସ୍ୱର୍ଣ୍ଣ। ତୀରନ୍ଦାଜୀରୁ ୯ଟି ପଦକ ଆସିଥିବା ବେଳେ ତା' ମଧ୍ୟରେ ରହିଛି ୫ଟି ସ୍ୱର୍ଣ୍ଣ। ଅନେକ କ୍ଷେତ୍ରରେ ଭାରତ ଇତିହାସ ରଚିଛି। ଉଦାହାରଣ ସ୍ୱରୂପ ବ୍ୟାଡମିଣ୍ଟନରେ ଡବଲ୍ସରେ ସାତ୍ୱିକସାଇରାଜ ରଙ୍କିରେଡ୍ଡି ଓ ଚିରାଗ ଶେଟ୍ଟୀ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ଏସିଆନ୍ ଗେମ୍ସ ପ୍ରଥମ ଭାରତୀୟ ମହିଳା ଗଲ୍‌ଫ ଖେଳାଳି ଭାବେ ପଦକ ଜିତିଛନ୍ତି ଅଦିତି ଅଶୋକ। ସେ ରୌପ୍ୟ ପଦକ ଜିତିଛନ୍ତି।ସେହିପରି ପଦକ ଜିତିବା ସହିତ ଭାରତୀୟ ପୁରୁଷ ହକି ଦଳ (ସ୍ୱର୍ଣ୍ଣ), ବକ୍ସର ନିଖାତ ଜରୀନ (ବ୍ରୋଞ୍ଜ), ପରବୀନ (ବ୍ରୋଞ୍ଜ), ପ୍ରୀତି (ବ୍ରୋଞ୍ଜ) ଓ ଲୋଭଲିନା (ବ୍ରୋଞ୍ଜ) ପ୍ରମୁଖ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଟିକେଟ୍ ପାଇଛନ୍ତି। ଓଡିଶାର କିଶୋର ଜେନା ଜାଭେଲିନରେ ରୌପ୍ୟ ପଦକ ଜିତିବା ସହିତ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।ଚୀନର ହାଙ୍ଗଝୌରେ ଏହିପରି ଅନେକ ସୁଖଦ ସ୍ମୃତି ସାଉଁଟି ଥିବା ଭାରତ ଆଉ କିଛି କ୍ଷେତ୍ରରେ ନିରାଶ ମଧ୍ୟ ହୋଇଛି। କୁସ୍ତିରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ଉତ୍ସାହଜନକ ନଥିଲା। ଦୀପକ ପୁନିଆଙ୍କ ବ୍ୟତୀତ ଆଉ କେହି ରୌପ୍ୟ ପଦକ ମଧ୍ୟ ପାଇଲେ ନାହିଁ। ମିଳିଥିବା ୬ଟି ପଦକରୁ ୫ଟି ହେଉଛି ବ୍ରୋଞ୍ଜ। ସବୁଠୁ ଅଧିକ ନିରାଶ କରିଛନ୍ତି ଅଲିମ୍ପିକ୍ସ ପଦକ ବିଜେତା ବଜରଙ୍ଗ ପୁନିଆ। ସେ ବ୍ରୋଞ୍ଜ ପଦକ ପାଇଁ ହୋଇଥିବା ଲଢ଼େଇରେ ହାରିଯାଇଥିଲେ। ସେହିପରି ବକ୍ସିଂରେ ପରବୀନ, ଲଭଲିନା ପ୍ରମୁଖ ପଦକ ପାଇବା ସହିତ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିଲେ ହେଁ, ସେମାନଙ୍କଠାରୁ ଅଧିକ ଆଶା କରାଯାଉଥିଲା। କେହି ସ୍ୱର୍ଣ୍ଣ ପଦକ ଜିତିପାରିଲେ ନାହିଁ। କେବଳ ଲଭଲିନା ରୌପ୍ୟ ପଦକ ପାଇଛନ୍ତି।

# ୬୫ ଜଣଙ୍କ ନାମ ଘୋଷଣା କଲେ ବିଜେଡି ସୁପ୍ରିମୋ: ଉପସଭାପତି, ସାଧାରଣ ସମ୍ପାଦକ ଓ ସମ୍ପାଦକଙ୍କୁ ମିଳିଲା ନିଯୁକ୍ତି

ଭୁବନେଶ୍ୱର,୭।୧୦(ପି.ଏନ): ଆସନ୍ତା ୨୦୨୪ରେ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଏବେଠାରୁ ରାଜ୍ୟ ରାଜନୀତି ଚଳଚଞ୍ଚଳ ହେବାରେ ଲାଗିଛି । ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସ ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ନିଜ ନିଜର ସଂଗଠନକୁ ସଜାଡିବା ସହିତ ନୂଆ ନେତାଙ୍କୁ ଦାୟିତ୍ୱ ପ୍ରଦାନ କରୁଛନ୍ତି ।ତେବେ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେପି ନିକଟରେ ବିଭିନ୍ନ ଜିଲ୍ଲା ସଂଗଠନକୁ ପୁନର୍ଗଠନ କରିବା ସହିତ ନୂଆ ନେତାଙ୍କୁ ଦାୟିତ୍ୱ ଦେଇଥିଲା । ଏହା ମଧ୍ୟରେ ବିଜେଡି ସୁପିମୋ ନବୀନ ପଟ୍ଟନାୟକ ମାଲକାନଗିରି ଜିଲ୍ଲା କମିଟିରେ ଅନେକ କାର୍ଯ୍ୟକର୍ତ୍ତାଙ୍କୁ ଦାୟିତ୍ୱ ଦେଇଛନ୍ତି । ଏ ନେଇ ଦଳ ପକ୍ଷରୁ ଏକ ନୋଟିସ୍ ଜାରି କରାଯାଇଛି ।କାର୍ଯ୍ୟକାରୀ ସଭାପତି ଭାବେ ଦୁର୍ଗା ତ୍ରିପାଠୀ, ପରାମର୍ଶଦାତା ଭାବେ ପୂର୍ଣ୍ଣ ଚନ୍ଦ୍ର ବାକା, ରାଜେନ୍ଦ୍ର ପଣ୍ଡା, ଏନ. ମାଶେଶ୍ୱର ରାଓ, ପ୍ରଫୁଲ ପଣ୍ଡା, ତପନ ସାନା, ଉପସଭାପତି ଭାବେ ପରିତୋଶ ସର୍କାର, ହୃଦାନନ୍ଦ ସାହୁ, ଡାନିଲେ ପାଟଲା, ନୃସିଂହ ମହାନ୍ତି, ସୁବାଶ ବାନର୍ଜୀ, ଗଣେଶ ମଣ୍ଡଳ, ପ୍ରତାପ ଚନ୍ଦ୍ର ସାହୁ, ଉଦୟ ନାଥ ମାଦ୍ରିଙ୍କୁ ନିଯୁକ୍ତି ଦିଆଯାଇଛି । ସେହିପରି ୧୨ ଜଣ ସାଧାରଣ ସମ୍ପାଦକ, ୧୬ ଜଣ ସମ୍ପାଦକ, ୧୨ ଜଣ ଯୁଗ୍ମ ସମ୍ପାଦକ, ୨ ଜଣ ସୋସିଆଲ ମିଡିଆ ସହ-ସଂଯୋଜକଙ୍କୁ ନିଯୁକ୍ତି ଦିଆଯିବା ସହିତ ଜିଲ୍ଲାର ବ୍ଲକ / ଟାଉନ ସଭାପତି ଭାବେ ୯ ଜଣଙ୍କୁ ଦାୟିତ୍ୱ ଦିଆଯାଇଛି ।

## ୧୦ କ୍ୱିଣ୍ଟାଲ ଗଞ୍ଜେଇ ଜବତ ଜଣେ ଗିରଫ

ମାଲକାନଗିରି,୭।୧୦(ପି.ଏନ):କିଛିଦିନ ହେବ ମାଲକାନଗିରି ଜିଲ୍ଲାରେ ଚୋରା ଗଞ୍ଜେଇ କାରବାରକୁ ନେଇ ପୋଲିସ ପାଇଁ ମୁଣ୍ଡ ବ୍ୟଥା ପାଲଟି ଥିବା ବେଳେ ଗତକାଲି କୁଡୁମୁଲୁଗୁମା ଫାଣ୍ଡି ଅଧିକାରୀ ଅଜିତ ସିଂ ବରିହା ସୋୟାବିନ ଗାଡ଼ିରେ ଗଞ୍ଜେଇ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇଥିଲେ । ଉକ୍ତ ଗଞ୍ଜେଇ ଗାଡିକୁ କାବୁକରିବା ନିମନ୍ତେ ଶ୍ରୀ ବରିହା ନିଜର ଟିମ୍ କୁ ନେଇ ରାସ୍ତାରେ ପେଟ୍ରୋଲିଂ କରୁଥିବା ସମୟରେ ବାଲିମେଳା ପଟୁ ଆସୁଥିବା ଏକ ପିକଅପ ଭ୍ୟାନକୁ ସୁନା ନଗର ଘାଟିରେ ଅଟକାଇବା କୁ ଚେଷ୍ଟା କରିଥିଲେ କିନ୍ତୁ ଗାଡ଼ିଟି ନ ଅଟକି ପୋଲିସ କୁ ଦେଖି ଦ୍ରୁତଗତିରେ ଜୟପୁର ପଟକୁ ଚାଲିଯାଉ ଥିବାବେଳେ ପୋଲିସ ଟିମ ପକ୍ଷରୁ ଫିଲ୍ମ ଷ୍ଟାଇଲରେ ଗୋଡ଼ାଇ ଗୋଡ଼ାଇ ପ୍ରାୟ ୫କିମି ଦୂରରେ ବାଲିଗୁଡା ଠାରେ ଉକ୍ତ ଗାଡିକୁ ଅଟକାଇବା ସହ ଗାଡ଼ିରେ ଥିବା ବସ୍ତା ଗୁଡିକୁ ଯାଂଚ କରିଥିଲେ । ଜବତ ସୋୟାବିନ ମଧ୍ୟରେ ଗଞ୍ଜେଇ ରହିଥିବା ବେଳେ ଜବତ ଗଞ୍ଜେଇ ର ଓଜନ ପ୍ରାୟ ୧୦ କ୍ୱିଣ୍ଟାଲ ଗଞ୍ଜେଇ ରହିଥିଲା । ଉକ୍ତ ଗଞ୍ଜେଇ ସହ ଜଣେ ଅଭିଯୁକ୍ତ କୁ ମଧ୍ୟ ପୋଲିସ ଗିରଫ କରିବାରେ ସଫଳ ହୋଇଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ସଞ୍ଜୟ ଶର୍ମା ପୋଡ଼ଶୀ ମଧ୍ୟପ୍ରଦେଶ ରାଜ୍ୟ ନିବାସୀ ହୋଇଥିବା ବେଳେ ପୋଲିସ ୦୭ ୧୩୪୨ ଗାଡ଼ିକୁ ଜବତ କରିଛି ଅନ୍ୟ ଜଣେ ଅଭିଯୁକ୍ତ ଘଟଣା ସ୍ଥଳ ରୁ ଖସିଯିବାକୁ ସମର୍ଥ ହୋଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

## ଚୋରା ଦେଶୀ ମଦ ବିକ୍ରି ଅଭିଯୋଗରେ ଦୁଇ ଜଣ ଅଦାଲତ ଚାଲାଣ

କୋରେଇ, ୭।୧୦(ପି.ଏନ): ପାଣିକୋଇଲି ଥାନା ପୁଲିସ ଚୋରା ଦେଶୀ ମଦ ବିକ୍ରି ଅଭିଯୋଗରେ ଦୁଇ ଜଣ ବେପାରୀଙ୍କୁ ଅଦାଲତ ଚାଲାଣ କରିଛି। ଏହି ଥାନା ଅନ୍ତର୍ଗତ ଜହ୍ନା ପଂଚାୟତ ନରପଦା ଗ୍ରାମର ପବନା ମଲ୍ଲିକ ନାମକ ଜଣେ ମଦ ବେପାରି ନରପଦା ଛକରେ ଚୋରାରେ ଆସ୍କା-୪୦ ବିକ୍ରି କରୁଥିବାର ଖବର ପାଇ ଥାନାର ଏ ଏସଆଇ ଉଦୟନାଥ ସୋରେନ ପବନାକୁ ଧରି ଥାନାକୁ ଆଣିବା ସହିତ ତା ନିକଟରୁ ୩୫ ବୋତଲ ଆସ୍କା-୪୦ ଜବତ କରିଥିଲେ। ପରେ ଶ୍ରୀ ସୋରେନଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା ୨୮୧/୨୩ ରୁଜୁ ହେବା ସହିତ ବେପାରୀ ପବନାକୁ ଗିରଫ କରି ଅଦାଲତ ଚାଲାଣ କରାଯାଇଛି। ସେହିପରି ପଥରପଦା ପଂଚାୟତ ଅନ୍ତର୍ଗତ କାଜିପାଟଣା ବେଙ୍ଗା ସାହିର ଲକ୍ଷ୍ମୀନାରାୟଣ ଦାସ ନାମକ ଜଣେ ବେପାରି ନିକଟରୁ ୨୫ ବୋତଲ ଆସ୍କା-୪୦ ଜବତ କରାଯାଇଥିବା ବେଳେ ଥାନାର ଏ ଏସଆଇ ପ୍ରତାପ ଚନ୍ଦ୍ର ଗଡ଼ନାୟକଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା ୨୮୨/୨୩ ରୁଜୁ ହେବା ସହିତ ଉଭୟଙ୍କୁ ଦଫା ୫୨(ଏ) ଓଡିଶା ଅବକାରୀ ଆଇନରେ ବେପାରି ଦ୍ୱୟଙ୍କୁ କୁ ଅଦାଲତ ଚାଲାଣ କରାଯାଇଛି।

## ନାସିକରେ ଡ୍ରଗ୍ସ ତିଆରି କରୁଥିବା କମ୍ପାନୀ ଉପରେ ପୋଲିସର ଚଢ଼ଉ : ୧୩୨ କେଜି ଡ୍ରଗ୍ସ ଜବତ, କମ୍ପାନୀର ମାଲିକ ଗିରଫ

ମୁମ୍ବାଇ, ୭।୧୦(ପି.ଏନ): ନାସିକ ଜିଲ୍ଲାର ଶିନ୍ଦେ ପଲାସେ ଅଂଚଳରେ ଏକ କମ୍ପାନୀ ଉପରେ ଚଢ଼ଉ କରି ପୋଲିସ ସେଠାରୁ ୧୩୨ କେଜି ଡ୍ରଗ୍ସ ଜବତ କରିଛି । ଜବତ ଡ୍ରଗ୍ସ ର ଆନୁମାନିକ ମୂଲ୍ୟ କୋଟିଏ ଟଙ୍କା ହେବ । ଘଟଣାରେ କମ୍ପାନୀର ମାଲିକ ଭୂଷଣ ପାଟିଲଙ୍କୁ ଗିରଫ କରିଛି ପୋଲିସ ।

# ବିଜୁଳି ଖୁଣ୍ଟରେ ବାନ୍ଧି ନିର୍ଘୁମ ପିଟିଲେ; ଦାନ୍ତ ଉପାଡି ନାଳରେ ଫିଙ୍ଗିଦେଲେ !



ଭୁବନେଶ୍ୱର,୭।୧୦(ପି.ଏନ):ବିଜୁଳି ଖୁଣ୍ଟରେ ବାନ୍ଧି ନିର୍ଘୁମ ପିଟିଲେ। ତା'ପରେ ତା' ପାଟିରୁ ଦାନ୍ତ ଉପାଡି ଦେଲେ ! ସଂଜ୍ଞା ହରାଇବାରୁ ମରିଥିବା ଭାବି ଯୁବକଙ୍କୁ ପାହାଡି ନାଳରେ ଫିଙ୍ଗିଦେଲେ। ଏପରି ଲୋମହର୍ଷକାରୀ ଘଟଣା ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଅଞ୍ଚଳରେ ଘଟିଛି। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ପୀଡିତ ଯୁବକଙ୍କୁ ପାହାଡି ନାଳରୁ ଉଦ୍ଧାର କରି ମେଡିକାଲ୍‌ରେ ଭର୍ତ୍ତି କରିଛି ।କୁମ୍ଭାରୀ ପଞ୍ଚାୟତ ମାଙ୍କଡଝୋଲା ଗାଁର ବିନାୟକ ତମ୍ଭାଡିଆଙ୍କ ବାପା ଅସୁସ୍ଥ ହୋଇଥିଲେ। ଖାଲି ତମ୍ଭାଡିଆଙ୍କ ବାପା ନୁହେଁ, ଗାଁର ୪ ଜଣ ଦୀର୍ଘ ଦିନ ଧରି ଅସୁସ୍ଥ ହୋଇଥିଲେ। ଚିକିତ୍ସା କରିଥିଲେ ମଧ୍ୟ ରୋଗ ଭଲ ହୋଇନଥିଲା। ପରେ ଦେଶୀ ଚିକିତ୍ସା କରାଯାଇଥିଲା। ହେଲେ ତମ୍ଭାଡିଆଙ୍କ ବାପା ଆରୋଗ୍ୟ ହୋଇନଥିଲେ। ଯାହାକୁ ନେଇ ତମ୍ଭାଡିଆ ଚିନ୍ତାରେ ପଡିଯାଇଥିଲେ। ତାଙ୍କ ବାପାଙ୍କୁ କେହି ଗୁଣି କରୁଥିବା ସନ୍ଦେହ କରିଥିଲେ।

# ଭାବମୂର୍ତ୍ତି ସଜାଡିବା ଚକ୍କରରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ: ଗିରଫ ହେବେ ତିର୍ତ୍ତୋଲ ବିଧାୟକ



ଭୁବନେଶ୍ୱର,୭।୧୦(ପି.ଏନ): ତିର୍ତ୍ତୋଲ ବିଜେଡି ବିଧାୟକ ବିଜୟ ଶଙ୍କର ଦାସଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ଯେକୌଣସି ମୁହୂର୍ତ୍ତରେ ପୁଲିସ ତାଙ୍କୁ ଗିରଫ କରିବାର ସମ୍ଭାବନା ରହିଛି। ଆଗକୁ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଭାବମୂର୍ତ୍ତି ସଜାଡିବା ପାଇଁ ବିଜୟଶଙ୍କରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସବୁଜସଙ୍କେତ ଦେଇଥିବା ଜଣାପଡିଛି। ପୁଲିସ ତାଙ୍କୁ ବାରମ୍ବାର ଥାନାକୁ ଡାକି ମାନସିକସ୍ତରରେ ହଇରାଣ କରୁଛି ଓ ସେ ଏଥିଯୋଗୁ ଡିପ୍ରେସନକୁ ଯିବା ଭଳି ଅବସ୍ଥାକୁ ଆସିଗଲେଣି ବୋଲି ସୋମାଲିକା ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ପାର୍ଟି ପାୱାରରେ ଥିବାରୁ ପୁଲିସ ବିଜୟଶଙ୍କରଙ୍କୁ ସୁରକ୍ଷା ଦେଉଛି। ନାରୀକୁ ସମ୍ମାନ ନାରା ଦେଉଥିବା ମୁଖ୍ୟମନ୍ତ୍ରୀ ମୋତେ କି ପ୍ରକାରର ସମ୍ମାନ ଦିଆଯାଉଛି କ'ଣ ଦେଖିପାରୁନାହାନ୍ତି ବୋଲି ସୋମାଲିକା କହିଛନ୍ତି ।ସୂଚନା ଅନୁସାରେ, ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଗତମାସ ୨୧ ତାରିଖରେ କଟକ ସବରେଜିଷ୍ଟ୍ରାର କାର୍ଯ୍ୟାଳୟରେ ପ୍ରତ୍ୟୁଷା ନନ୍ଦ ନାମ୍ନୀ ଜଣେ ମହିଳାଙ୍କୁ ବିବାହ କରିବାକୁ ଆବେଦନ କରିଛନ୍ତି। ଯାହାକୁ ନେଇ ବିଜୟଶଙ୍କରଙ୍କ ପୁରୁଣା ପ୍ରେମିକା ସୋମାଲିକା ଦାଶ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରିବା ସହ ଆଜି କଟକସ୍ଥିତ ସବରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଲିଖିତ ଆପତ୍ତି ଓ ପୁଲିସର ବରିଷ୍ଠ ଅଧିକାରୀଙ୍କ ପାଖରେ ପୁଣିଥରେ ଏଫଆଇଆର ରୁଜୁ କରିଛନ୍ତି। ଏହାସହିତ ବିଜୟଶଙ୍କର ତାଙ୍କୁ ବିବାହ ପାଇଁ ଗତବର୍ଷ ମେ' ୧୭ତାରିଖରେ ଅନୁରୂପ ଆବେଦନ ଜଗତସିଂହପୁର ସବରେଜିଷ୍ଟ୍ରାରଙ୍କ ପାଖରେ କରିଥିଲେ ଓ ଏପର୍ଯ୍ୟନ୍ତ ତାଙ୍କୁ ନ୍ୟାୟ ମିଳିନଥିବାବେଳେ ପୁଣି ସେ କିଭଳି ବିବାହ ପାଇଁ ଆବେଦନ କଲେ ବୋଲି ପ୍ରଶ୍ନ କରିଛନ୍ତି । ଏହାସହିତ ସେ ୨୦୨୨ ମସିହାରୁ ଜଗତସିଂହପୁର ଥାନାରେ ବିଧାୟକ ବିଜୟଶଙ୍କରଙ୍କ ନାଁରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ତାଙ୍କୁ ଏପର୍ଯ୍ୟନ୍ତ ନ୍ୟାୟ ଦେବାରେ ସକ୍ଷମ ହୋଇନି ।ଓଲଟା ବିଭିନ୍ନ ଆଳ ଦେଖାଇ ବାରମ୍ବାର ଥାନାକୁ ଡକାଇ ମାନସିକ ନିର୍ଯାତନା ଦେଉଛି ବୋଲି ଅଭିଯୋଗ କରିଛନ୍ତି । ତାଙ୍କର ଅଭିଯୋଗ ବିଜୟଶଙ୍କରଙ୍କ ନାଁରେ ଥିଲେ ମଧ୍ୟ ଦିନେକାଳେ ତାଙ୍କୁ ପୁଲିସ ଡାକିନି । ଓଲଟା ସେ ଜଣେ ପୀଡିତା ଭାବେ ନ୍ୟାୟ ଚାହୁଁଥିବାବେଳେ ପୁଲିସ ତାଙ୍କୁ ଏଭଳି ମାନସିକସ୍ତରରେ ହଇରାଣ କରୁଛି ଯେ ସେ ଡିପ୍ରେସନକୁ ଚାଲିଆସିଲେଣି ବୋଲି ଅଭିଯୋଗ କରିଛନ୍ତି । ନ୍ୟାୟ ଅପେକ୍ଷାରେ ଥିବାବେଳେ ବିଜୟଶଙ୍କର କିଭଳି ଅନ୍ୟଜଣେ ମହିଳାଙ୍କୁ ବିବାହ କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି ।

# ସିକ୍କିମ ବନ୍ୟା ମୃତ୍ୟୁସଂଖ୍ୟା ୫୬କୁ ବୃଦ୍ଧି, ଏବେବି ଶତାଧିକଙ୍କ ପତ୍ତା ମିଳୁନି



ନୂଆଦିଲ୍ଲୀ,୭।୧୦(ପି.ଏନ):ସିକ୍କିମରେ ଅଚାନକ ମାଡି ଆସିଥିବା ପ୍ରଳୟଙ୍କାରୀ ବନ୍ୟାରେ ମୃତ୍ୟୁସଂଖ୍ୟା ୫୬କୁ ବୃଦ୍ଧି ପାଇଛି। ୨୬ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇ ଥିବାବେଳେ ୩୦ ଜଣଙ୍କ ମୃତଦେହ ପଶ୍ଚିମବଙ୍ଗର ତୀସ୍ତା ନଦୀ ଅବବାହିକାରେ ଲାଗିଛି । ପ୍ରଳୟଙ୍କାରୀ ଏହି ବନ୍ୟାରେ ଭାସି ଯାଇଥିବା ୧୪୨ ଜଣ ଲୋକଙ୍କ ସନ୍ଧାନ ପାଇଁ ସିକ୍କିମ୍ ଏବଂ ପଶ୍ଚିମବଙ୍ଗର ଉତ୍ତର ଭାଗର ତୀସ୍ତା ଅବବାହିକାରେ ଖୋଜାଖୋଜି କରୁଛନ୍ତି ସୁରକ୍ଷାବାହିନୀ। ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ସିକ୍କିମରେ ୨୬ ଜଣଙ୍କ ମୃତ୍ୟୁକୁ ନିଶ୍ଚିତ କରିଛନ୍ତି।

## ଅକ୍ଟୋବର ୧୪ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ ଶିମିଳିପାଳ

ଭୁବନେଶ୍ୱର, ୭।୧୦(ପି.ଏନ): ଚଳିତ ବର୍ଷ ନଭେମ୍ବର ୧ ପରିବର୍ତ୍ତେ ଆସନ୍ତା ଅକ୍ଟୋବର ୧୪ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବାକୁ ଯାଉଛି। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଂଚଳିକ ବନ୍ୟ ପ୍ରାଣୀ ସଂରକ୍ଷକ ଡ଼ଃ ପ୍ରକାଶ ଚାନ୍ଦ ଗୋଗିନେନି ଆଜି ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ପୂର୍ବପରି ଦୈନିକ ଚାରି ଚକିଆ ଯାନ କାଳିଆଣି ତନଖି ଫାଟକ (ଯଶୀପୁର) ପଟୁ ୩୫ ଗାଡି ଓ ପିଠାବଟା (ବାରିପଦା) ତନଖି ଫାଟକ ଦେଇ ୨୫ ଗାଡି ଜଙ୍ଗଲ ଭିତରକୁ ପ୍ରବେଶ କରିବ । ଉକ୍ତ ଦୁଇ ତନଖି ଫାଟକରେ ପ୍ରବେଶ ଅନୁମତି ପତ୍ର ସକାଳ ୬ ଟା ରୁ ୯ ଟା ପର୍ଯ୍ୟନ୍ତ ବୁକିଂ କାଉଂଟରରେ ଉପଲବ୍ଧ ରହିବ।

# ସ୍ତନ କର୍କଟ ରୋଗକୁ ଭଲ କରିବ ନିମ୍ବପତ୍ର, ଭୁବନେଶ୍ୱର ଆଇଏଲଏସର ଗବେଷଣା



ଭୁବନେଶ୍ୱର,୭।୧୦(ପି.ଏନ): ଆଜିକାଲି ଅଧିକାଂଶ ମହିଳା ସ୍ତନ କର୍କଟ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏହାର ଚିକିତ୍ସା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ନିମ୍ବପତ୍ରରେ ଏହା ଭଲ ହେବ ବୋଲି ଦାବି କରାଯାଇଛି । କ୍ୟାନସର ଷ୍ଟେମସେଲକୁ ସମୂଳେ ନାଶ କରିବା ପାଇଁ ବ୍ୟବହାର ହେବ ନିମ୍ବପତ୍ର ଔଷଧ । ନିମ୍ବପତ୍ରରେ ଥିବା ନିମ୍ବୋଲାଇଡରରେ ଏଭଳି ଅମୋଘ ଅସ୍ତ୍ର ଅଛି । ନିମ୍ବପତ୍ରରେ ସ୍ତନ କର୍କଟ ଭଲ ହେବା ନେଇ ଏକ ଗବେଷଣାରୁ ସ୍ପଷ୍ଟ ହୋଇଛି ବୋଲି ଆଇଏଲଏସ ଭୁବନେଶ୍ୱର ଦାବି କରିଛି । ଆଇଏଲଏସ ଭୁବନେଶ୍ୱରର ବରିଷ୍ଠ ବୈଜ୍ଞାନିକ ଡଃ ସଞ୍ଜୀବ ସାହୁଙ୍କ ନେତୃତ୍ୱରେ ଟିମ୍ ନିମ୍ବପତ୍ରରେ ଥିବା ଫାଇଟୋକେମିକାଲ ନିମ୍ବୋଲାଇଡ ଉପରେ ଗବେଷଣା କରିଥିଲେ । ଏହି ଗବେଷଣାରେ ମିଳିଥିବା ତଥ୍ୟକୁ ଆନ୍ତର୍ଜାତିକ ଗବେଷଣା ପତ୍ରିକା ମଲିକୁଲାର ଥେରାପି ନ୍ୟୁକ୍ଲିକ ଏସିଡରେ ପ୍ରକାଶ କରାଯାଇଛି । ଏହି ପତ୍ରିକାରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ, ବିପଦପୂର୍ଣ୍ଣ ଟ୍ରିପଲ ନେଗେଟିଭ ବ୍ରେଷ୍ଟ କ୍ୟାନସରକୁ ନିମ୍ବୋଲାଇଡରେ ମୂଳପୋଛ କରିବାର କ୍ଷମତା ରହିଛି । ମୂଷା ଏବଂ ଜେବ୍ରା ଫିସ୍ ଉପରେ ହୋଇଥିବା ପ୍ରି-କ୍ଲିନିକାଲ ଟେଷ୍ଟରୁ ଏହା ପ୍ରମାଣିତ ହୋଇଥିବାରୁ ସ୍ତନ କର୍କଟରେ ପୀଡିତାମାନଙ୍କୁ ଚିକିତ୍ସିତ କରାଯିବାର ଆଶା ରହିଛି ।

# ସିଏଜି ରିପୋର୍ଟ ରାଜ୍ୟ ସରକାରଙ୍କ ମୁଖା ଖୋଲି ଦେଇଛି : ବିଜେପି

ଭୁବନେଶ୍ୱର, ୭।୧୦(ପି.ଏନ): "ବିଜୁ ଜନତା ଦଳ" ଓଡିଶାବାସୀଙ୍କୁ କାଳ, ସିଏଜି ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ପୂର୍ବରୁ ବିଜୁ ଜନତା ଦଳର ନେତା ଓ ମନ୍ତ୍ରୀମାନେ ଚିଟଫଣ୍ଡ, ଖଣି, ପାଣି, ଡାଲି ସ୍କାମ୍ ଏବଂ ଜଙ୍ଗଲ ଲୁଟ୍ ଘଟଣାକୁ ସିଏଜି ଲୋକଲୋଚନକୁ ଆଣିଥିଲା। ସଦ୍ୟ ସମାପ୍ତ ବିଧାନସଭା ଅଧିବେଶନର ଶେଷ ଦିନରେ ପୁଣି ସିଏଜି ରିପୋର୍ଟ ଉପସ୍ଥାପିତ ହୋଇଛି ଯାହା ରାଜ୍ୟ ସରକାରଙ୍କ ଅସଲ ମୁଖା ଖୋଲିଦେଇଛି ବୋଲି ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି ।ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଛନ୍ତି ଯେ, ବିଜେଡି ଆବାସ ଯୋଜନା ମାଧ୍ୟମରେ ପ୍ରକୃତ ହିତାଧିକାରୀଙ୍କ ଘର ନଦେଇ କୋଟି କୋଟି ଟଙ୍କା ହଡପ କରିଛି ବୋଲି ସିଏଜି ରିପୋର୍ଟରୁ ସ୍ପଷ୍ଟ ହୋଇଛି। ରାଜ୍ୟ ସରକାରଙ୍କ ଦାବିକୁ କେନ୍ଦ୍ର ସରକାର ଅକ୍ଷର ଅକ୍ଷର ପୂରଣ କରିଛନ୍ତି କିନ୍ତୁ ପ୍ରକୃତ ହିତାଧିକାରୀଙ୍କୁ "ପ୍ରଧାନମନ୍ତ୍ରୀ ଆବାସ" ବଂଟନ ନକରି ରାଜ୍ୟ ସରକାର ଚଂଚକତା କରିଛନ୍ତି। କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍ ଗୟାପ୍ରସାଦଙ୍କ ନେତୃତ୍ୱରେ ଆସିଥିଲା। ଏହାପରେ ଗୟାପ୍ରସାଦ ଟିମ୍ ୧୦୦୦କୋଟି ଦୁର୍ନୀତି ହୋଇଛି ବୋଲି ସୂଚନା ଦେଇଥିଲେ । ବର୍ତ୍ତମାନ ପ୍ରକାଶ ପାଇଥିବା ସିଏଜି ରିପୋର୍ଟରେ ମଧ୍ୟ ଅନୁରୂପ ତଥ୍ୟ ପ୍ରକାଶ ପାଇଛି । ଗ୍ରାମସଭା ଦ୍ୱାରା ଚିହ୍ନଟ ହୋଇଥିବା ୮ଲକ୍ଷ ୫୯ହଜାର ହିତାଧିକାରୀ ଅନିୟମିତଭାବେ ସ୍ଥାୟୀ ଅପେକ୍ଷାରତ ତାଲିକାରୁ ବାଦ୍ ପଡି ଯୋଜନାରୁ ବଂଚିତ ହୋଇଛନ୍ତି। ୨୦୨୧ସୁଦ୍ଧା ତାଲିକା ଚୁଡାନ୍ତ ହୋଇନଥିଲା ଫଳରେ ୫ଲକ୍ଷ ୨୭ହଜାର ଗୃହ ଫେରିଯାଇଥିଲା। ୧୨ଲକ୍ଷ ୨୫ହଜାର ହିତାଧିକାରୀ "ପ୍ରଧାନମନ୍ତ୍ରୀ ଆବାସ" ଯୋଜନାରୁ ବାଦ୍ ପଡିଛନ୍ତି। ୧୯ କୋଟି ୧୦ଲକ୍ଷ ଟଙ୍କା ଅନିୟମିତଭାବେ ପ୍ରଶାସନିକ ଖର୍ଚ୍ଚ କରିବାକୁ ବ୍ୟାଙ୍କ ଖାତାକୁ ପଠାଯାଇଛି। ବିଶେଷ କରି ଗ୍ରାମସଭା ଦ୍ୱାରା ସ୍ୱିକୃତ ହୋଇଥିଲା ମାର୍ଚ୍ଚ ୨୦୨୧ସୁଦ୍ଧା ୨୭ଲକ୍ଷ ୪୫ହଜାର ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଚିହ୍ନଟ କରାଯାଇଥିଲା। ଜିଆରଏସ ଠୁ ଜିଲ୍ଲାପାଳ ପର୍ଯ୍ୟନ୍ତ ଯଏ ବି ଏକେଲେଙ୍କାରୀରେ ଦାୟୀ ତାଙ୍କ ଉପରେ ଫୌଜଦାରୀ ମକଦ୍ଦମା ରୁଜୁ କରି ଦଣ୍ଡବିଧାନ କରନ୍ତୁ। କିଏ ଦାୟୀ ତାହା ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।ବିଧାନସଭାରେ ରାଜ୍ୟ ସରକାର ହିସାବ ଦେଇଥିଲେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ୨୭ଲକ୍ଷ ୩୩ହଜାର ୯୦୪ଟି ଦିଆଯାଇ ସାରିଛି। ଠିକ୍ ସେମିତି ଇନ୍ଦିରା ଆବାସ ଯୋଜନାରେ ୨୦୧୬ ପରଠୁ ୧୬ଲକ୍ଷ ୪୧ହଜାର ଦିଆଯାଇଛି, ଯାହା ବିଜୁ ପକ୍କାଘର ମୋ କୁଡିଆ ବୋଲି ବିଜେଡି କହୁଛି। ମୋଟ ୪୮ଲକ୍ଷ ୫୭ହଜାର ୫୮୯। ରାଜ୍ୟର ୨୦୧୧ଜନଗଣନା ଅନୁଯାୟୀ ଓଡ଼ିଶାରେ ଅଧାରୁ ଅଧିକ ଲୋକ ପକ୍କାଘର ପାଇବା କଥା କିନ୍ତୁ ବାସ୍ତବିକତାରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବିଜେଡି ସରକାରଙ୍କ ମୁଖା ଧରା ପଡିଛି। "ଆମ ଘର ଯୋଜନା"ରେ ମୋଟ ଆବେଦନକାରୀ ଥିଲେ ୩ଲକ୍ଷ୫୯ହଜାର ୪୧୫। ୧ଲକ୍ଷ ୫୬ହଜାର ବ୍ୟାଙ୍କୁ ଦିଆଗଲା। ଏବଂ ପାଇଲେ ମାତ୍ର ୧ହଜାର ୩୭ଜଣ । ଅମର ପଟ୍ଟନାୟକ ପିଏଜି ଥିବାବେଳେ ରାଜ୍ୟ ସରକାରଙ୍କର ବ୍ୟାପକ ଦୁର୍ନୀତି ଓ ଆର୍ଥିକ ଅନିୟମିତତାର ପର୍ଦ୍ଦାଫାଶ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା କେଲେଙ୍କାରୀର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଅନ୍ତୁ ମୁଖ୍ୟମନ୍ତ୍ରୀ। ଆବାସ କେଲେଙ୍କାରୀରେ ଦୋଷୀକୁ ଦଣ୍ଡ ଦେବା ପାଇଁ ଭାରତୀୟ ଜନତା ପାର୍ଟି ମଧ୍ୟ କୋର୍ଟର ଦ୍ୱାରସ୍ଥ ହେବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

## ଇସ୍ରାଏଲ ଯୁଦ୍ଧ ପରିସ୍ଥିତି: ଭାରତୀୟଙ୍କ ପାଇଁ ଜାରି ହେଲା ସତର୍କ ସୂଚନା



ନୂଆଦିଲ୍ଲୀ,୭।୧୦(ପି.ଏନ): ପାଲେଷ୍ଟାଇନର ଗାଜାରୁ ହାମସା ଆତଙ୍କବାଦୀମାନେ ରକେଟ ମାଡ କରିବା ପରେ ଇସ୍ରାଏଲରେ ଯୁଦ୍ଧ ପରିସ୍ଥିତି ଘୋଷଣା ହୋଇଛି। ମାତ୍ର ୨୦ ମିନିଟରେ ହାମସା ପକ୍ଷରୁ ୫ ହଜାର ରକେଟ ଇସ୍ରାଏଲ ଉପରେ ମାଡ କରାଯିବାରୁ ୪୦ ଜଣଙ୍କ ଜୀବନ ଗଲାଣି । ଆତଙ୍କବାଦୀମାନେ ଇସ୍ରାଏଲର କିଛି ସହରରେ ମଧ୍ୟ ପ୍ରବେଶ କରି ତାଣ୍ଡବ ରଚିଛନ୍ତି ।ସ୍ଥିତି ଦନିକୁ ଦିନ ବିଗିଡିବାରୁ ଭାରତ ସରକାର ଇସ୍ରାଏଲରେ ଥିବା ନିଜ ଦେଶର ଲୋକଙ୍କ ପାଇଁ ସତର୍କ ସୂଚନା ଜାରି କରିଛନ୍ତି। ଇସ୍ରାଏଲରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ନାଗରିକମାନଙ୍କୁ ସ୍ଥିତି ପ୍ରତି ସତର୍କ ରହିବା ସହ ସୁରକ୍ଷା ପ୍ରୋଟକଲ ପାଳନ କରିବାକୁ ପରାମର୍ଶ ଦିଆଯାଇଛି।








# ଟି ଟାଇମ୍

## ଜୋକ୍ସ



ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସିପାଲ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର। ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ। ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲେ।ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଲି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହି କୁହନ୍ତି ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।




# ପ୍ରକୃତ ଭକ୍ତିର ଲକ୍ଷଣ !



ସନ୍ତୋଷ, ମନର ତୁଷ୍ଟିର ଅନ୍ୟ ଏକ ନାମ । ଏ ଦୃଶ୍ୟମାନ ଜଗତରେ ସବୁ କିଛି ସଂକଳ୍ପ ଶକ୍ତିର ଫଳ । ମଣିଷର ଜୀବନ ତାର ଚିନ୍ତାଧାରା ଉପରେ ନିର୍ଭର କରେ । ଜୀବନ ଅନେକ ପ୍ରକାର କର୍ମର ସମାହାର । ସଂକଳ୍ପ ଅତି ବଳବାନ । ଏହା ମଣିଷକୁ ମନର ଗୋଟିଏ ଅବସ୍ଥାରୁ ଆଉ ଏକ ଅବସ୍ଥାକୁ ନେଇ ଯାଇପାରେ । ଏହା ଗୋଟିଏ ପ୍ରକାର ମଣିଷକୁ ଆଉ ଏକ ପ୍ରକାର ମଣିଷ କରି ଦେଇପାରେ । ପୁରାକାଳରେ ଋଷିମାନେ ପ୍ରଥମାବସ୍ଥାରେ ସାଧାରଣ ଲୋକ ହିସାବରେ ଥିଲେ । କେବଳ ତାଙ୍କ ସଂକଳ୍ପ ବଳରେ ସେମାନେ ମହାନ ଲୋକ ହୋଇ ପାରିଥିଲେ । ସଂକଳ୍ପ ଶକ୍ତି ବଳରେ ଦସ୍ୟୁ ରତ୍ନାକର ମହର୍ଷି ବାଲ୍ମୀକି ହୋଇ ପାରିଥିଲେ । ସେହି ଶକ୍ତି ବଳରେ ରାମକୃଷ୍ଣ, ରାମକୃଷ୍ଣ ପରମହଂସ ହୋଇ ପାରିଥିଲେ । ଦୁଇ ପ୍ରକାର ସଂକଳ୍ପ ଅଛି । ଗୋଟିଏ ଦୂଷିତ ଓ ଅନ୍ୟଟି ପବିତ୍ର । ପବିତ୍ର ସଂକଳ୍ପ ବଳରେ ମାନବ କଲ୍ୟାଣ ଭଳି ସତକର୍ମ ମାନ ସାଧିତ ହୋଇପାରେ । ଦୂଷିତ ସଂକଳ୍ପରେ ଈର୍ଷା, ଘୃଣା, ସମାଲୋଚନା ପ୍ରଭୃତି ଭରି ରହିଥାଏ । ମଣିଷ ସ୍ୱଭାବର ଦୁଇଟି ପାଖ ଅଛି । ଗୋଟିଏ ପାଶବିକ ଓ ଅନ୍ୟଟି ଦୈବୀ । ମଣିଷ, କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ପ୍ରଭୃତି ଷଡ଼ରିପୁଙ୍କ ଦ୍ୱାରା ଆକ୍ରାନ୍ତ । ମଣିଷ ତା'ଠାରେ ଥିବା ସୁପ୍ରବୃତ୍ତିକୁ ଭଲ କାମରେ ଲଗାଉ ନାହିଁ । ସୁଫଳ ସୃଷ୍ଟି କରୁଥିବା ସତକର୍ମମାନ ଓ ଈଶ୍ୱରଙ୍କ ପ୍ରତି ଉତ୍ସର୍ଗୀକୃତ ଜୀବନ ଦ୍ୱାରା ମାନବ ମାଧବକୁ ରୂପାନ୍ତରିତ ହୋଇଯାଇପାରେ । ଏ ମାର୍ଗରୁ ଦୂରେଇ ଗଲେ ସେ ଭୁଲ କରି ବସେ ଓ ପରିଶେଷରେ ଆସୁରି ପ୍ରବୃତ୍ତି ସମ୍ପନ୍ନ ହୋଇଯାଏ ।

ମଣିଷର ଦେହକୁ ଗୋଟିଏ ରଥ ସହ ଓ ଆତ୍ମାକୁ ରଥର ସାରଥି ସହ ତୁଳନା କରାଯାଇପାରେ । ମଣିଷ ଭିତରୁ ଉପୁଜୁଥିବା ଭଲ ଓ ମନ୍ଦ ଚିନ୍ତା ଗୁଡ଼ିକ ପାଇଁ କାରଣ ମଧ୍ୟ ଅଛି । ଏକ ପାଖରେ କାରଣ ଓ ଅନ୍ୟ ପାଖରେ ଫଳାଫଳ । କାରଣ ଓ ଫଳାଫଳ ମଧ୍ୟରେ ଥିବା ସମ୍ପର୍କ ଅବର୍ଣ୍ଣନୀୟ । ସେମାନେ ପରସ୍ପର ନିର୍ଭରଶୀଳ, ଗୋଟିଏ ନଥିଲେ ଅନ୍ୟଟି ରହି ପାରିବ ନାହିଁ । କାରଣ ବିନା କୌଣସି ଘଟଣା ଘଟି ନପାରେ । କିନ୍ତୁ ଗୋଟିଏ କଥା ଅଛି ଯାହା କୌଣସି ହେତୁ ନଥାଇ ମଧ୍ୟ ପ୍ରବେଶ କରିଯାଏ । ତାହା ହେଉଛି ଅହଂଭାବ । ଅହଂଭାବ ଯୋଗୁଁ ମଣିଷ ଅନୁଭବ କରେ ଯେ ତା ସମକକ୍ଷ ଆଉ କେହିନାହିଁ । ଏହାଦ୍ୱାରା ସେ ନିଜକୁ ଭୁଲି ଯାଏ । ଅହଂକାରର ଏଭଳି ଶକ୍ତି ! ଅହଂପୂର୍ଣ୍ଣ ଲୋକ କ'ଣ ଠିକ କ'ଣ ଭୁଲ ତାହା ଜାଣି ପାରେନାହିଁ । ସେ ଗୋଟିଏ ପଶୁ ତଥା ଅସୁର ଠାରୁ ବି ହୀନ ହୋଇଯାଏ । ଏହି ଅହଂକାର ବିନାଶ କରିବା ପାଇଁ ଆମକୁ ଆମର ସମସ୍ତ ମନ୍ଦ ଗୁଣ ଗୁଡ଼ିକୁ ହୋମାଗ୍ନିରେ ଉତ୍ସର୍ଗ କରି ଦେବାକୁ ପଡ଼ିବ ।

ଆମଠାରେ ଯଦି ସାମାନ୍ୟ ମାତ୍ର ପରିବର୍ତ୍ତନ ନ ଆସିଲା, ତେବେ ଜୀବନ ବୃଥାରେ ନଷ୍ଟ ହୋଇଗଲା ବୋଲି ଜାଣ । ଆଜିକାଲି ଆମେ ଗୋଟିଏ ପ୍ରକାର କଥା କହୁ ତ ଆଉ ଗୋଟିଏ ପ୍ରକାର କାମ କରୁ । ଅହଂକାର ମଣିଷ ଭିତରେ ପ୍ରବେଶ କରି ଘଟିବାକୁ ଯାଉଥିବା କଥା ସବୁ ଭୁଲାଇ ଦେଉଛି । ଆମର ପ୍ରତ୍ୟେକ ଭୁଲ ପାଇଁ, ପ୍ରତ୍ୟେକ ଅପରାଧ ପାଇଁ, ପ୍ରତିଟି ମିଥ୍ୟା ବଚନ ପାଇଁ ଫଳଭୋଗ କରିବାକୁ ପଡ଼ିବ । ତେଣୁ ସୁଗୁଣର ଅଭିବୃଦ୍ଧି କରି ମଙ୍ଗଳ ଉଦ୍ଦେଶ୍ୟରେ ନିଜକୁ ଉତ୍ସର୍ଗ କରିବା ।

'ଯଦଭାବମ ତଦ ଭବତି' ଅର୍ଥାତ୍ ଆମେ ଯେମିତି ଭାବିବା ସେମିତି ହୋଇପାରିବା । ଭଗବାନ ଶ୍ରୀସତ୍ୟସାଇ ବାବା ତାଙ୍କ ସମ୍ଭାଷଣରେ କହିଛନ୍ତି 'କେବଳ ନିର୍ମଳ ହୃଦୟ ବ୍ୟକ୍ତିମାନେ ହିଁ ଈଶ୍ୱର ଦର୍ଶନ ଲାଭ କରନ୍ତି । ଅଧିକରୁ ଅଧିକ ଦୈବୀ କୃପା ଲାଭ କରି ନେବା ପାଇଁ ହୃଦୟକୁ ବୃହତ୍ତରୁ ବୃହତ୍ତର କର । ଛୋଟିଆ ପାତ୍ରଟିଏ ନେଇ ଯାଇ ତୁମେ ସେଥିରେ ସମୁଦ୍ରର ସମୁଦାୟ ଜଳ ନେଇ ଆସିପାରିବ ନାହିଁ । ପାତ୍ରରେ ଯାଗା ଧରୁଥିବା ପରିମାଣର ଜଳ କେବଳ ପାଇ ପାରିବ । ତୁମେ ନିଜକୁ ଜଣେ ବଡ଼ ଭକ୍ତ ଓ ବହୁ ହିତକର କାର୍ଯ୍ୟରେ ସମ୍ପୃକ୍ତ ବୋଲି କହି ବିଶ୍ୱକୁ ଠକି ଠକି ଚାଲିଛ । ଜଣଙ୍କର କାର୍ଯ୍ୟ କଳାପ, ଆଚରଣ ବ୍ୟବହାରରୁ ହିଁ ପ୍ରକୃତ ଭକ୍ତି ଜଣା ପଡ଼ିବ ।

**ଭବାଶିଷ ଦାସ**, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ପ୍ଲଟ ନଂ - ୧୪୫୦, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ: ୯୮୬୧୧୧୮୬୭୩

# ସତ୍ୟର ନୀରବ ସାଧକ ପ୍ରଫେସର ବି.ବି. ଲାଲ

ଡ. ସମନ୍ୱୟ ନନ୍ଦ



ଦେଶର ଖ୍ୟାତନାମା ପ୍ରତ୍ନତତ୍ତ୍ୱବିତ ପ୍ରଫେସର ବିବି ଲାଲ ଆଉ ନାହାନ୍ତି । ୧୦୧ ବର୍ଷ ବୟସରେ ସେ ତାଙ୍କର ଶେଷନିଃଶ୍ୱାସ ନେଇଛନ୍ତି । ତାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଅନେକ ମାନ୍ୟଗଣ୍ୟ ଲୋକମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି । ଅଯୋଧ୍ୟାରେ ବାବରୀ ଢାଂଚା ତଳେ ମନ୍ଦିର ଥିବାର ପ୍ରମାଣ ହେଉ, ଇଂରେଜଙ୍କ ଦ୍ୱାରା ଦିଆଯାଇଥିବା ଅତ୍ୟନ୍ତ ଅବୈଜ୍ଞାନିକ ଆର୍ଯ୍ୟ ଆକ୍ରମଣ ସିଦ୍ଧାନ୍ତ ବିରୁଦ୍ଧରେ ଅକାଟ୍ୟ ତର୍କ ପ୍ରଫେସର ଲାଲ ଦେଇଥିଲେ ।

ଇଂରେଜମାନେ ସେମାନଙ୍କର ଔପନିବେଶିକ ସ୍ୱାର୍ଥର ପୂର୍ତ୍ତି କରିବାକୁ ଓ ସେମାନଙ୍କର ଶାସନକୁ ଦୀର୍ଘସ୍ଥାୟୀ କରିବାକୁ ଶିକ୍ଷା, ଇତିହାସ ଏପରିକି ପ୍ରତ୍ନତତ୍ତ୍ୱକୁ ବ୍ୟବହାର କରିଥିଲେ । ଇଂରେଜମାନେ ବିଶେଷ ଭାବେ ଇତିହାସ ଓ ପ୍ରତ୍ନତତ୍ତ୍ୱର ବ୍ୟବହାର ସତ୍ୟ ଜଣାଇବାକୁ କରୁ ନ ଥିଲେ ବରଂ ସେମାନେ ଏଗୁଡିକର ବ୍ୟବହାର ଭାରତର ଜନମାନସରେ ହଜାର ହଜାର ବର୍ଷ ଧରି ଅଂକିତ ଥିବା ତଥ୍ୟକୁ ଭୁଲ ବୋଲି ପ୍ରମାଣିତ କରିବାକୁ କରି ଆସିଥିଲେ । ଏପରି କରିବା ପଛରେ ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାରତୀୟମାନଙ୍କ ମନରେ ହୀନମନ୍ୟନତାର ଭାବନା ସୃଷ୍ଟି କରିବା । ଯେଉଁ ଜାତି ମନରେ ହୀନମନ୍ୟତାର ଭାବନା ସୃଷ୍ଟି ହୋଇଯାଏ, ଯେଉଁ ଜାତି ଆତ୍ମହୀନତାର ଶିକାର ହୋଇଯାଏ, ତା' ଉପରେ ଶାସନ କରିବା ଖୁବ ସହଜ ହୋଇଥାଏ । ଯେଉଁ ଜାତି ତାର ଇତିହାସରୁ ପ୍ରେରଣା ଲାଭ କରେ ଓ ଭୁଲରୁ ଶିକ୍ଷା ଗ୍ରହଣ କରିଥାଏ ସେହି ଜାତି ଉପରେ ଦୀର୍ଘ ସମୟ ଧରି ଶାସନ କରିବା ସମ୍ଭବ ହୋଇ ନ ଥାଏ । ଗୋରା ଇଂରେଜ ଧୂର୍ତ୍ତମାନେ ଏହାକୁ ଭଲ ଭାବେ ଜାଣିଥିଲେ ।

ଏହି କାରଣରୁ ଇଂରେଜମାନେ ଭାରତରେ ଆର୍ଯ୍ୟ ଆକ୍ରମଣ ସିଦ୍ଧାନ୍ତ, ରାମାୟଣ-ମହାଭାରତ ଆଦି ଭାରତର ଇତିହାସ ନୁହେଁ ବରଂ ଏହାକୁ ମାଇଥୋଲୋଜି ବୋଲି ପ୍ରଚାରିତ କରି ଆସୁଥିଲେ । ଭାରତ ସ୍ୱାଧୀନ ହେବା ପରେ ଏହି ଦୃଷ୍ଟି ବଦଳି ଯିବାର ଆବଶ୍ୟକତା ଥିଲା । ହେଲେ ଦୁର୍ଭାଗ୍ୟର ବିଷୟ ଯେ ଭାରତ ସରକାର ଓ ଭାରତ ସରକାରଙ୍କ ଦ୍ୱାରା ଗଠିତ ସଂସ୍ଥାମାନଙ୍କରେ ଏଥିରେ କୌଣସି ପ୍ରକାର ପରିବର୍ତ୍ତନ ଆସି ନଥିଲା । ସେମାନେ ଏଥିରେ ଭାରତୀୟ ଦୃଷ୍ଟିକୋଣ ଆଣିବା ପରିବର୍ତ୍ତେ ମଧ୍ୟ ଇଂରେଜମାନଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଔପନିବେଶିକ ନ୍ୟାରେଟିଭକୁ ହିଁ ଆଗକୁ ବଢାଇଥିଲେ । ଏହି ସଂସ୍ଥାମାନଙ୍କରେ ବାମପନ୍ଥୀମାନଙ୍କ ପ୍ରବେଶ କାରଣରୁ ଭାରତ ସ୍ୱାଧୀନ ହେବାପରେ ମଧ୍ୟ ସ୍କୁଲର ପାଠ୍ୟକ୍ରମରେ ଆର୍ଯ୍ୟମାନେ ବାହାରୁ ଆସିଥିଲେ ଭଳି ମିଥ୍ୟା ସିଦ୍ଧାନ୍ତଗୁଡିକୁ ପଢାହୋଇ ଆସୁଥିଲା । ହେଲେ ପ୍ରସିଦ୍ଧ ପ୍ରତ୍ନତତ୍ତ୍ୱବିତ ପ୍ରଫେସର ବି.ବି. ଲାଲ ଜଣେ ଏପରି ସତ୍ୟର ସାଧକ ଥିଲେ ଯିଏ ଏହି ସମସ୍ତ ବାମପନ୍ଥୀ ଓ ଔପନିବେଶିକ ଥ୍ୟୋରୀ ଗୁଡିକୁ ନିଜର ବୈଜ୍ଞାନିକ ପ୍ରତ୍ନତାତ୍ତ୍ୱିକ ଅନୁସନ୍ଧାନ ଆଧାରରେ ଧରାଶାୟୀ କରିଥିଲେ । ସେ ତାଙ୍କର ଅନେକ ଦଶନ୍ଧି ଧରି ପ୍ରତ୍ନତାତ୍ତ୍ୱିକ କାମରେ ଅନେକ ଗୁରୁତ୍ୱପୂର୍ଣ୍ଣ କାମ କରିଥିଲେ । ଏହାମଧ୍ୟରୁ ତାଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାମ ହେଲା ଯେ ସେ ଅଯୋଧ୍ୟାରେ ବାବରୀ ଢାଂଚା ତଳେ ମନ୍ଦିର ଥିବା କଥା କହିଥିଲେ । ଏହାଫଳରେ ବାମପନ୍ଥୀ ତଥା ଆଲିଗଡ ମୁସଲିମ ବିଶ୍ୱବିଦ୍ୟାଳୟର ଐତିହାସିକମାନଙ୍କଠାରୁ ତାଙ୍କୁ ଅନେକ ସମାଲୋଚନାର ଶରବ୍ୟ ହେବାକୁ ପଡିଥିଲା । ଇତିହାସ କ୍ଷେତ୍ରରେ ଏହି ବାମପନ୍ଥୀ ଐତିହାସିକମାନଙ୍କର ପ୍ରଭାବ ଖୁବ ଅଧିକ ରହି ଆସିଛି । ସେମାନେ ସରକାର ଓ ଶାସନର ସଂରକ୍ଷଣରେ କଳାକୁ ଧଳା କରିବା ଓ ଧଳାକୁ କଳା କରିବା କାମ ଲଗାତାର ଭାବେ କରି ଆସିଛନ୍ତି । ସେମାନେ ଭାରତର ରାଜା ସେମାନଙ୍କର ଶାସନ ବ୍ୟବସ୍ଥା ସେମାନଙ୍କ ସମୟର ସମାଜ ବ୍ୟବସ୍ଥାକୁ 'ଜହାଲତରେ ପରିପୂର୍ଣ୍ଣ' ବୋଲି ଘୋଷଣା କରିବା ସହ ମଧ୍ୟ-ଏସିଆରୁ ଆସିଥିବା ଆକ୍ରମଣକାରୀ ମାନେ କିପରି ଶ୍ରେଷ୍ଠ ଥିଲେ ତାହା ଲେଖି ଭାରତର ଜନମାନସକୁ ଭ୍ରମିତ କରିବାର କାମ କରି ଆସିଛନ୍ତି । ତାଙ୍କ ଦ୍ୱାରା ଦିଆଯାଇଥିବା ଥ୍ୟୋରୀ ବିରୁଦ୍ଧରେ ଯଦି କେହି ଗଲା, ତେବେ ଏକାଡେମିକ କ୍ଷେତ୍ରରେ ତାଙ୍କୁ ସମାପ୍ତ କରିଥା'ନ୍ତି । ତେଣୁ ପ୍ରଫେସର ବି. ବି. ଲାଲ ତାଙ୍କ ଟାର୍ଗେଟରେ ରହିବା ସ୍ୱାଭବିକ ଥିଲା । ଏହାସତ୍ତ୍ୱେ ପ୍ରଫେସର ବି. ବି. ଲାଲ କେବେହେଲେ ସତ୍ୟରୁ ବିଚ୍ୟୁତ ହୋଇ ନଥିଲେ । ପ୍ରଫେସର ବି.ବି. ଲାଲ ଅନେକ ମହାଭାରତ ସହ ଜଡିତ ସ୍ଥଳର ଉତ୍ଖନନ କାମ କରିଥିଲେ । ସେ ୧୯୭୫ ମସିହାରେ ଆର୍କିଓଲଜି ଅଫ ଦି ରାମାୟଣ ସାଇଟ୍ସ ନାମରେ ଏକ ପ୍ରକଳ୍ପ କାମ ଆରମ୍ଭ କରିଥିଲେ । ଏହି ପ୍ରକଳ୍ପରେ ସେ ରାମାୟଣ ସହ ଜଡିତ ବିଭିନ୍ନ ସ୍ଥାନ ଅଯୋଧ୍ୟା, ଭରଦ୍ୱାଜ ଆଶ୍ରମ, ନନ୍ଦୀଗ୍ରାମ, ଚିତ୍ରକୂଟରେ ଏହି ପ୍ରକଳ୍ପର ନେତୃତ୍ୱ ନେଇଥିଲେ ।

ରାମ ଜନ୍ମଭୂମି ସ୍ଥଳରେ ଉତ୍ଖନନ ବେଳେ ଏହି ଟିମରେ ସାମିଲ ଥିବା (ସେତେବେଳେ ଯୁବାବସ୍ଥାରେ ଥିବା) କେ. କେ. ମୋହମ୍ମଦ ତାଙ୍କର ଗୁରୁ ଅର୍ଥାତ ବି. ବି. ଲାଲଙ୍କ ସମ୍ପର୍କରେ ଏକ ଲେଖା ଲେଖିଛନ୍ତି । ସେ କହିଛନ୍ତି ଯେ ଜନ୍ମଭୂମି ସ୍ଥଳରେ ପୂର୍ବରୁ ସେଠାରେ ମନ୍ଦିର ରହିଥିବାର ସ୍ପଷ୍ଟ ପ୍ରମାଣ ମିଳିଥିଲା । ହେଲେ ମାର୍କସବାଦୀ ଐତିହାସିକ ମାନେ ଅଯୋଧ୍ୟା ଉତ୍ଖନନ ଓ ବିଶେଷ ଭାବେ ଏହାର ନେତୃତ୍ୱ ନେଇଥିବା ପ୍ରଫେସର ବି.ବି. ଲାଲଙ୍କ ଉପରେ ଆକ୍ରମଣ ଆରମ୍ଭ କରି ଦେଇଥିଲେ । କେ.କେ. ମୋହମ୍ମଦଙ୍କ କହିବା କଥା ହେଲା ଯେ ଯେଉଁ ଲୋକମାନେ ପ୍ରଫେସର ଲାଲଙ୍କ ଉପରେ ଆକ୍ରମଣ କରୁଥିଲେ ସେମାନେ ଐତିହାସିକ ଥିଲେ, ପ୍ରତ୍ନତତ୍ତ୍ୱ ବିଷୟରେ କହିବାର ସେମାନେ ଅଧିକାରୀ ନ ଥିଲେ । ସେମାନଙ୍କୁ ପ୍ରତ୍ନତତ୍ତ୍ୱରେ ବ୍ୟବହାର ହେଉଥିବା ଟେକ୍ନିକ ଓ ଅନ୍ୟ ବିଷୟ ଜଣା ନ ଥିଲା । ଏହାସତ୍ତ୍ୱେ ଏହି ମାର୍କ୍ସବାଦୀ ଐତିହାସିକମାନେ ପ୍ରଫେସର ଲାଲଙ୍କ ବିରୁଦ୍ଧରେ ଗଣମାଧ୍ୟମରେ ଆକ୍ରମଣ ଜାରୀ ରଖିଥିଲେ । କେ.କେ. ମୋହମ୍ମଦଙ୍କ କହିବା କଥା ଯେ ଏହାପରେ ଏଏସଆଇ ଓ ପ୍ରଫେସର



ବି.ବି. ଲାଲଙ୍କ ଉପରେ କମ୍ୟୁନିଷ୍ଟମାନଙ୍କର ଆକ୍ରମଣ ନ କମିବା କାରଣରୁ ସେ ଗଣମାଧ୍ୟମରେ ଏହାଉପରେ ପ୍ରତିକ୍ରିୟା ଦେବାକୁ ସ୍ଥିର କଲେ । ସେ ୧୯୯୦ ମସିହା ଡିସେମ୍ବର ୧୫ ତାରିଖ ଦିନ ଏକ ଇଂରାଜୀ ସମ୍ବାଦପତ୍ରରେ ପତ୍ରରେ ଏକ ଲେଖା ଲେଖି କହିଲେ ଯେ ସେ ନିଜେ ଜଣେ ମୁସଲମାନ । ସେ ଖନନକାରୀ ଦଳର ଜଣେ ସଦସ୍ୟ ଥିଲେ । ବିବାଦୀୟ ଢାଂଚା ତଳେ ମନ୍ଦିରର ଭଗ୍ନାବଶେଷ ରହିଛି । ଅଯୋଧ୍ୟା ହିନ୍ଦୁମାନଙ୍କର ପବିତ୍ର ସ୍ଥଳ ହୋଇଥିବା କାରଣରୁ ମୁସଲମାନ ମାନଙ୍କୁ ସ୍ୱେଚ୍ଛାରେ ରାମ ଜନ୍ମଭୂମିକୁ ଦେଇଦେବା ଉଚିତ । ଡ. କେ.କେ. ମୋହମ୍ମଦ ଆଗକୁ ଲେଖିଲେ ଯେ ଏହା ପରେ ମାର୍କ୍ସବାଦୀ ଓ ଆଲିଗଡ ମୁସଲିମ ବିଶ୍ୱବିଦ୍ୟାଳୟର ଐତିହାସିକମାନେ ତାଙ୍କ ପ୍ରତି ରକ୍ତମୁଖା ହୋଇପଡିଥିଲେ ।

କେ.କେ. ମୋହମ୍ମଦଙ୍କ ଏହି ଲେଖା ଉପରେ କମ୍ୟୁନିଷ୍ଟ ଐତିହାସିକମାନେ ଯେଭଳି ପ୍ରତିକ୍ରିୟା ଦେଇଥିଲେ ସେଥିରୁ ବାମପନ୍ଥୀ ଐତିହାସିକମାନଙ୍କର ପ୍ରଫେସର ବି.ବି. ଲାଲଙ୍କ ପ୍ରତି କେତେ କ୍ରୋଧ ଥିଲା, ତାହା ଅନୁମାନ କରାଯାଇପାରେ । ଏହାସତ୍ତ୍ୱେ ପ୍ରଫେସର ବି. ବି. ଲାଲ ତାଙ୍କର କାମ ଜାରୀ ରଖିଥିଲେ । ସମାଲୋଚନା ତାଙ୍କୁ ତାଙ୍କ କାମରୁ ଦୂର କରିପାରି ନ ଥିଲା । ଅଯୋଧ୍ୟା ମାମଲାର ଯେତେବେଳେ ସୁପ୍ରିମକୋର୍ଟର ରାୟ ଆସିଲା ସେତେବେଳେ ସେ ଏହାର ପ୍ରତିକ୍ରିୟାରେ କହିଲେ-"ଏଏସଆଇର ନିଷ୍କର୍ଷଗୁଡିକ ସୁପ୍ରିମକୋର୍ଟ ନୋଟିସରେ ନେଇଥିବାରୁ ମୁଁ ଅତ୍ୟନ୍ତ ଖୁସି ।"

ଏ ସମ୍ପର୍କରେ ତାଙ୍କର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଉପାଦେୟ ପୁସ୍ତକ 'ରାମ, ହିଜ ହିଷ୍ଟରିସିଟି, ମନ୍ଦିର ଏଣ୍ଡ ସେତୁ: ଏଭିଡେନ୍ସ ଅଫ ଲିଟରେଚର, ଆର୍କିଓଲଜି ଏଣ୍ଡ ଅଦର ସାଇନ୍ସେସ' ରହିଛି । ପ୍ରଫେସର ବି.ବି. ଲାଲ କେବଳ ରାମାୟଣ ସ୍ଥଳ ଉପରେ କାମ କରି ନାହାନ୍ତି । ସେ ମହାଭାରତ ସ୍ଥଳଗୁଡିକ ଉପରେ ମଧ୍ୟ ଦୀର୍ଘଦିନ ଧରି କାମ କରିଥିଲେ ।

ପ୍ରଫେସର ବି.ବି. ଲାଲ ଜଣେ ସତ୍ୟାନ୍ୱେଷୀ ଭାବେ ତାଙ୍କର କାମ କରିଥିଲେ । ସେ ମହାଭାରତ ସହ ଜଡିତ ଅନେକ ସ୍ଥାନ ଯେପରି ମେରଠ ନିକଟରେ ହସ୍ତିନାପୁର, ମଥୁରା ଓ କୁରୁକ୍ଷେତ୍ର ଆଦି ସ୍ଥାନରେ ତଥା ଇନ୍ଦ୍ରପ୍ରସ୍ଥ ଆଦି ସ୍ଥାନରେ ପ୍ରତ୍ନତାତ୍ତ୍ୱିକ ପ୍ରକଳ୍ପରେ କାମ କରିଥିଲେ । ବାମପନ୍ଥୀମାନେ ମହାଭାରତକୁ କେବଳ କପୋଳ କଳ୍ପନା କହୁଥିବା ବେଳେ ପ୍ରଫେସର ଲାଲ ମହାଭାରତର ଐତିହାସିକତାକୁ ପ୍ରମାଣିତ କରି ବାମପନ୍ଥୀ ଐତିହାସିକମାନଙ୍କ ଗାଲରେ ଶକ୍ତ ଚାପୁଡା ଲଗାଇଥିଲେ ।

କେବଳ ସେତିକି ନୁହେଁ ପ୍ରଫେସର ଲାଲ ବ୍ରିଟିଶମାନଙ୍କ ଦ୍ୱାରା ଓ ପରେ ମାର୍କ୍ସବାଦୀମାନଙ୍କ ଦ୍ୱାରା ବହୁଳ ଭାବେ ପ୍ରଚାରିତ ଆର୍ଯ୍ୟ ଆକ୍ରମଣ ସିଦ୍ଧାନ୍ତକୁ ଅତ୍ୟନ୍ତ ତାର୍କିକ ଭାବେ ଖଣ୍ଡନ କରିଥିଲେ । ତାଙ୍କର ଏ ସମ୍ପର୍କିତ ପୁସ୍ତକ 'ଦି ସରସ୍ୱତୀ ଫ୍ଲୋଜ ଅନ' । ଏହି ପୁସ୍ତକ ଜରିଆରେ ସେ ମାର୍କସବାଦୀ ଐତିହାସିକ ଆର.ଏସ. ଶର୍ମାଙ୍କ ଦ୍ୱାରା ଦିଆଯାଇଥିବା ତର୍କକୁ ଖଣ୍ଡନ କରିଥିଲେ । ଏହାକୁ ନେଇ ମଧ୍ୟ ସେ ମାର୍କସବାଦୀମାନଙ୍କ ଦ୍ୱାରା ପ୍ରବଳ ଆକ୍ରମଣ ଓ ସମାଲୋଚନାର ଶିକାର ହୋଇଥିଲେ । ଏହାସତ୍ତ୍ୱେ ପ୍ରଫେସର ଲାଲ କେବେହେଲେ ସତ୍ୟର ଅନ୍ୱେଷଣରୁ ନିଜକୁ ବିଚ୍ୟୁତ କରି ନ ଥିଲେ ।

ଜୀବନବ୍ୟାପୀ ସତ୍ୟର ସାଧନା କରିଥିଲେ ପ୍ରଫେସର ଲାଲ । ସେ ଔପନିବେଶିକବାଦୀ ଢାଂଚାକୁ ଭାଙ୍ଗିବା ସହ ଭାରତୀୟ ଢାଂଚା ତିଆରି କରିବାକୁ ତାଙ୍କର ସମ୍ପୂର୍ଣ୍ଣ ଜୀବନ ଲଗାଇ ଦେଇଥିଲେ । ଏଭଳି ଜଣେ ଭାରତୀୟତାର ନୀରବ ସାଧକଙ୍କୁ ଶତ ଶତ ପ୍ରଣାମ !

# ରାଜ୍ୟର ସମସ୍ତ ୭୫ ଲକ୍ଷ ଚାଷୀଙ୍କୁ କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ !

ଭୁବନେଶ୍ୱର (ପିଏନ୍)-ସମଗ୍ର ରାଜ୍ୟରେ ଚାଷୀକୁଳ ବହୁ ଦୁସ୍ଥିତି ମଧ୍ୟରେ ଗତି କରୁଛନ୍ତି । ଧାନକୁ ଛାଡ଼ି ଆଳୁ, ପିଆଜ, ଦୁଗ୍ଧ, ଅଣ୍ଡା ପ୍ରଭୃତି ଖାଦ୍ୟ ସାମଗ୍ରୀ ଉପରେ ଓଡ଼ିଶା ବାହାର ରାଜ୍ୟ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ । କୃଷିଜାତ ଦ୍ରବ୍ୟର ଅଭାବୀ ବିକ୍ରିଠାରୁ ମଣ୍ଡି ଅବ୍ୟବସ୍ଥା, ଜଳସେଚନ କ୍ଷେତ୍ରରେ ନୈରାଶ୍ୟଜନକ ସ୍ଥିତି, ଫସଲ ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ଓ ଶସ୍ୟ ସଂଗ୍ରହ ପାଇଁ ଗୋଦାମ ଘର ନଥିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ । ଉଭୟ ସରକାର ୨୦୨୨ ସୁଦ୍ଧା ଚାଷୀର ଆୟ ଦ୍ୱିଗୁଣା କରିବା ପାଇଁ ୫ ବର୍ଷ ତଳୁ ଡିଣ୍ଡିମ ପିଟୁଥିବା ବେଳେ ଜାତୀୟ ସ୍ତରରେ ଚାଷୀର ମାସିକ ଆୟ ୧୦ ହଜାର ଟଙ୍କା ଥିବାବେଳେ ଓଡ଼ିଶାର ଚାଷୀଙ୍କ ମାସିକ ଆୟ ବର୍ତ୍ତମାନ ମାତ୍ର ୫୧୧୨ଟଙ୍କା । ସରକାର କାଳିଆ ଓ ପିଏମ୍ କିଷାନ ଯୋଜନାରେ କୃଷକଙ୍କ ପାଇଁ ସାମୟିକ ସହାୟତା ଦେଉଥିବା ବେଳେ ଏଥିରେ ଚାଷୀକୁଳର ବିକାଶ ହେଉ ନାହିଁ ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି ।

ବିପର୍ଯ୍ୟସ୍ତ କୃଷି କ୍ଷେତ୍ରରେ ଉନ୍ନତି ଆଣିବାକୁ ହେଲେ ଦୀର୍ଘସ୍ଥାୟୀ କୃଷି ଭିତ୍ତିଭୂମିର ସୁଦୃଢ଼ ହେବା ଏକାନ୍ତ ଜରୁରୀ । ଯଥା - ଉତ୍ପାଦିତ କୃଷିଜାତ ଦ୍ରବ୍ୟରେ ଚାଷୀଙ୍କୁ ଉଚିତ୍ ମୂଲ୍ୟ ପ୍ରଦାନ, ଠିକଣା ସମୟରେ ବିହନ, ସାର, କୃଷିରଣ ଓ ଫସଲବୀମା କ୍ଷତିପୂରଣ ସହାୟତା ରାଶି ଯୋଗାଇବା ସହ ସଶକ୍ତ ମଣ୍ଡି ବ୍ୟବସ୍ଥା, ସଂରକ୍ଷଣ ପାଇଁ ଶୀତଳଭଣ୍ଡାର, କୃଷିଭିତ୍ତିକ ଶିଳ୍ପ ଯଥା- ତେଲ କଳ, ସୂତା କଳ, ଆଖୁ କଳ, ଖାଦ୍ୟ ପ୍ରସ୍ତୁତି ଓ ପ୍ରକ୍ରିୟାକରଣ ସହ କୃଷିଜାତ ଦ୍ରବ୍ୟ ରପ୍ତାନୀ ବ୍ୟବସ୍ଥା କରାଯିବା ଆବଶ୍ୟକ । ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଓ ପ୍ରତିଶ୍ରୁତି ଅନୁଯାୟୀ କାଳିଆ ଯୋଜନାରେ ରାଜ୍ୟର ୭୫ ଲକ୍ଷ ଚାଷୀ ଅନ୍ତର୍ଭୁକ୍ତ ହେବା କଥା, ହେଲେ ବର୍ତ୍ତମାନ ୫୩ ଲକ୍ଷ ଚାଷୀଙ୍କୁ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ରାଜ୍ୟ ସରକାର ବର୍ଷକୁ ଦୁଇଟି କିସ୍ତିରେ ଚାଷୀଙ୍କୁ ୧୦ ହଜାର ଟଙ୍କା ସହାୟତା ଦେବାପାଇଁ ଘୋଷଣା କରିଥିବା ବେଳେ ଏବେ ଦୁଇଟି କିସ୍ତିରେ ମୋଟ ୪ ହଜାର ଟଙ୍କା ଦେଉଛନ୍ତି । ଅନୁରୂପ ଭାବେ କେନ୍ଦ୍ର ସରକାର ତିନୋଟି କିସ୍ତିରେ ବର୍ଷକୁ ୬ ହଜାର ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଏବେ ଓଡ଼ିଶାର ୭୫ ଲକ୍ଷ ଚାଷୀଙ୍କ ମଧ୍ୟରୁ ୩୯ ଲକ୍ଷ ଚାଷୀଙ୍କୁ ପିଏମ କିଷାନରେ ଅନ୍ତର୍ଭୁକ୍ତ କରିଛନ୍ତି । ତେବେ ରାଜ୍ୟର ଆଉ ୨୨ ଲକ୍ଷ ଏବଂ କେନ୍ଦ୍ରର ୩୬ ଲକ୍ଷ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିନାହାନ୍ତି କାହିଁକି ବୋଲି ଶ୍ରୀ ପଟ୍ଟନାୟକ ଉଭୟ ସରକାରଙ୍କଠାରେ ଶ୍ୱେତପତ୍ର ପ୍ରକାଶ ପାଇଁ ଦାବୀ କରିଛନ୍ତି । ବିଜେଡ଼ି ସରକାରର ୨୨ ବର୍ଷ ଶାସନକାଳ ମଧ୍ୟରେ ରାଜ୍ୟରେ ବଡ଼ଚାଷୀ, କ୍ଷୁଦ୍ର ଓ ମଧ୍ୟମ, ନାମମାତ୍ର, ଭାଗଚାଷୀ, କୃଷି ଶ୍ରମିକ ଓ କୃଷିଜୀବି ମହିଳାଙ୍କ ସଂଖ୍ୟା କେତେ ଏହାର ତାଲିକା ପ୍ରସ୍ତୁତ କରାଯାଇପାରିଲା ନାହିଁ । ରାଜ୍ୟର ମୋଟ ଜନସଂଖ୍ୟାର ୭୦ ପ୍ରତିଶତ ହେଲେ ଚାଷୀ । ତଦନୁଯାୟୀ ସରକାର ବାଦ୍ ପଡ଼ିଥିବା ଚାଷୀଙ୍କୁ କାଳିଆ ଏବଂ ପିଏମ୍ କିଷାନ ଯୋଜନାରେ ତୁରନ୍ତ ଅନ୍ତର୍ଭୁକ୍ତ କରିବା ସହ ବାସ୍ତବ କ୍ଷେତ୍ରରେ ଚାଷୀର ଆୟ ବୃଦ୍ଧି ପାଇଁ ଏକ ଦୀର୍ଘସ୍ଥାୟୀ ବ୍ୟବସ୍ଥା କରିବାକୁ ଦାବୀ କରିଛନ୍ତି । ନଚେତ୍ ଆଗାମୀ ଦିନରେ କିଷାନ କଂଗ୍ରେସ ପକ୍ଷରୁ ଉଭୟ ସରକାରଙ୍କ ବିରୁଦ୍ଧରେ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ସରକାରଙ୍କୁ ଚେତାବନୀ ଦେଇଛନ୍ତି ।

## ଲୁହା ପ୍ଲେଟ ଚୋରି ଅଭିଯୋଗରେ ଜଣେ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ବାଲିକୁଦିଆ ଠାରେ ନିର୍ମାଣାଧିନ ମେଗା ପାନୀୟ ଜଳ ପ୍ରକଳ୍ପରୁ ଲୁହାପ୍ଲେଟ୍ ଚୋରୀ ଘଟଣାରେ ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ବାଲିକୁଦିଆ ଅଂଚଳର ପ୍ରଦୀପ ମଲିକ ବୋଲି ଜଣାଯାଇଛି । ସୂଚନା ମୁତାବକ ଗତକାଲି ରାତିରେ କିଛି ଦୁର୍ବୃତ୍ତ ବାଲିକୁଦିଆ ଠାରେ ନିର୍ମାଣାଧିନ ମେଗାପାନୀୟ ଜଳ ଯୋଗାଣ ପ୍ରକଳ୍ପ ସାଇଟରେ ପସି ଲୁହା ପ୍ଲେଟ ଚୋରୀ କରିନେଇଥିଲେ । ଏନେଇ କମ୍ପାନୀର କର୍ମଚାରୀ ଚନ୍ଦନ କୁମାର ଧଳ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ୨୪୫/୨୨ରେ ଏକ କେଶ ରୁଜୁ କରି ତଦନ୍ତ ଚଳାଇ ବାଲିକୁଦିଆ ଗ୍ରାମର ପ୍ରଦୀପକୁ ଗିରଫ କରିବା ସହ ତା' ନିକଟରୁ ଚୋରୀ ହୋଇଥିବା ୮୦ କେଜି ଲୁହା ପ୍ଲେଟ ଜବତ କରିଛି । ଅଭିଯୁକ୍ତ ପ୍ରଦୀପକୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ଏବଂ ଏହି ଚୋରୀ ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ ଶିଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

## ଭାଉଜଙ୍କୁ ଅସଦାଚରଣ, ଦିଅର ଗିରଫ

ଧର୍ମଶାଳା (ପିଏନ୍): ନିଜ ଭାଉଜଙ୍କୁ ଅସଦାଚରଣ ଓ ଝିଆରୀକୁ ମାଡ଼ମାରିବା ଅଭିଯୋଗରେ ଧର୍ମଶାଳା ଥାନା ଅନ୍ତର୍ଗତ ସୁନ୍ଦୁରିଆ ଗ୍ରାମର ସେକ୍ ସମଦ୍ (୨୭)କୁ ପୁଲିସ୍ ଗିରଫ କରିଛି । ଭାଉଜଙ୍କ ଏତଲାକ୍ରମେ ଏକ ମାମଲା ରୁଜୁ କରି ପୁଲିସ୍ ଦିଅର ସମଦ୍‌କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରିଛି । ଜାମିନ୍ ନାମଂଜୁର ହେବାରୁ ସମଦ୍‌କୁ ରଗଡ଼ି ବିଚାର ବିଭାଗୀୟ ଜେଲକୁ ପଠାଇ ଦିଆଯାଇଛି ।

## ୪ ୱାରେଣ୍ଟି ଗିରଫ

ଧର୍ମଶାଳା (ପିଏନ୍): ବିଭିନ୍ନ ମାମଲାରେ ଫେରାର୍ ଥିବା ୪ଜଣ ୱାରେଣ୍ଟିଙ୍କୁ ଧର୍ମଶାଳା ଥାନା ପୁଲିସ୍ ଗିରଫ କରଛି । ଗିରଫ ନରସିଂହପୁର ଗ୍ରାମର ସୁଦର୍ଶନ ସାହୁଙ୍କ ପତ୍ନୀ ଗୀତାଂଜଳି ସାହୁ, ପୁଅ ସିପୁନ୍ ସାହୁ, ନେଉଳପୁର ଗ୍ରାମର ସେକ୍ ନଇମତ୍ ଓ ମହମ୍ମଦ ଇବ୍ରାହିଲ୍‌ଙ୍କୁ ପୁଲିସ୍ ଗତକାଲି ଚଣ୍ଡିଖୋଲ ଚାଲାଣ କରିଥିବା ଜଣାପଡ଼ିଛି ।

## ଟିପର ଚୋରି ଅଭିଯୋଗ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ବାରକଣା ଗାଁ ନିକଟରୁ ଏକ ଟିପର(ଟ୍ରକ୍) ଗାଡି ଚୋରୀ ହୋଇଥିବା ନେଇ ଜେନାପୁର ଥାନାରେ ଅଭିଯୋଗ ହୋଇଛି । ସୂଚନା ମୁତାବକ ବାରକଣା ଗ୍ରାମର ମୋହନ ସାହୁଙ୍କ ପୁଅ ଚଲାଉଥିବା ଓଆର ୦୪-ଇ-୧୩୧୮ ନଂ ଟିପର ଗାଡିକୁ ଗତକାଲି ତାଙ୍କପୁଅ ଗାଁ ନିକଟରେ ରଖି ରାତିରେ ଘରେ ଶୋଇପଡିଥିବା ବେଳେ କେହି ଦୁର୍ବୃତ୍ତ ରାତିରେ ଟିପରଟିକୁ ଚୋରୀ କରିନେଇଥିବା ସକାଳେ ଜଣାପଡିଥିଲା । ଏନେଇ ମୋହନ ଜେନାପୁର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ଜେନାପୁର ପୁଲିସ ଘଟଣାର ତଦନ୍ତ ଚଳାଇଛି ।

# ସତ୍‌ସଙ୍ଗର ଆହ୍ୱାନ-ସମ୍ପ୍ରଦାୟ ନିରପେକ୍ଷ ଧର୍ମପ୍ରାଣ ଭାରତ



ସତ୍‌ସଙ୍ଗର ପ୍ରାଣପୁରୁଷ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ଗ୍ରନ୍ଥ ସତ୍ୟାନୁସରଣରେ ଭାରତବାସୀଙ୍କୁ ଆହ୍ୱାନ ଜଣାଇଲେ-ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ - ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ବି ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ । ଭାରତର ଅବନତି ସେହି ସମୟରୁ ଆରମ୍ଭ ହୋଇଛି ଯେଉଁ ସମୟରୁ ଭାରତବାସୀଙ୍କ ପାଖରେ ଅମୂର୍ତ୍ତ ଭଗବାନ ଅସୀମ ହୋଇ ଉଠିଛନ୍ତି - ଋଷିଙ୍କୁ ବାଦ ଦେଇ ଋଷି ବାଦର ଉପାସନା ଆରମ୍ଭ ହୋଇଛି । ଭାରତ ! ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ, ତେବେ ସମ୍ପ୍ରଦାୟଗତ ବିରୋଧ ଭୁଲି, ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧାସମ୍ପନ୍ନ ହୁଅ - ଆଉ ତୁମର ମୂର୍ତ୍ତ ଓ ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ, ଏବଂ ସେହି ମାନଙ୍କୁ ହିଁ ସ୍ୱୀକାର କର ଯେଉଁମାନେ ତାଙ୍କୁ ଭଲ ପାଆନ୍ତି । କାରଣ ପୂର୍ବବର୍ତ୍ତୀଙ୍କୁ ଅଧିକାର କରିହିଁ ପରବର୍ତ୍ତୀଙ୍କର ଆବିର୍ଭାବ । ସମଗ୍ର ମାନବ ଜାତିକୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆହ୍ୱାନ ଦେଇ କହିଲେ - ସର୍ବପ୍ରଥମ ଆତ୍ମମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ । ସାହସୀ ହେବାକୁ ହେବ, ବୀର ହେବାକୁ ହେବ । ପାପର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଏହି ଦୁର୍ବଳତା । ତଡ଼ ଯେତେ ଶୀଘ୍ରପାର ଏହି ରକ୍ତ ଶୋଷଣକାରୀ ଅବସାଦ ଉତ୍ପାଦକ ବାଦୁଡ଼ିକୁ । ସ୍ମରଣ କର ତୁମେ ଶକ୍ତିର ତନୟ, ସ୍ମରଣ କର ତୁମେ ପରମପିତାଙ୍କ ସନ୍ତାନ । ହଟି ଯିବାଟା ବରଂ ଦୁର୍ବଳତା ନୁହେଁ କିନ୍ତୁ ଚେଷ୍ଟା ନକରିବା ହିଁ ଦୁର୍ବଳତା । ତୁମେ କୌଣସି କିଛି କରିବାକୁ ପ୍ରାଣପଣେ ଚେଷ୍ଟା କରି ମଧ୍ୟ ଯଦି ବିଫଳ ମନୋରଥ ହୁଅ, କ୍ଷତି ନାହିଁ ତୁମେ ଛାଡ଼ ନାହିଁ ଏହି ଅମ୍ଳାନ ଚେଷ୍ଟା ହିଁ ତୁମକୁ ମୁକ୍ତି ଆଡ଼କୁ ନେଇଯିବ । ତୁମେ କୁହନା ତୁମେ ଭୀରୁ, କୁହନା ତୁମେ କାପୁରୁଷ, କୁହନା ତୁମେ ଦୁରାଶୟ । ପିତାଙ୍କ ଆଡ଼କୁ ନଜର କର, ଆବେଗଭରେ କୁହ - ହେ ପିତା, ମୁଁ ତୁମରି ସନ୍ତାନ; ମୋର ଆଉ ଜଡ଼ତା ନାହିଁ, ଆଉ ଦୁର୍ବଳତା ନାହିଁ, ମୁଁ ଆଉ କାପୁରୁଷ ନୁହେଁ, ମୁଁ ଆଉ ତୁମକୁ ଭୁଲି ନରକ ଆଡ଼କୁ ଦୌଡ଼ି ଯିବିନାହିଁ, ଆଉ ତୁମର ଜ୍ୟୋତି ଆଡ଼କୁ ପଛକରି ଅନ୍ଧକାର ଅନ୍ଧକାର ବୋଲି ଚିତ୍କାର କରିବି ନାହିଁ । ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ କାଞ୍ଚନ ପ୍ରତି ଆସକ୍ତିରୁ ଆସେ । ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ । ପ୍ରତ୍ୟେକଙ୍କ ମା' - ହିଁ ଜଗଜ୍ଜନନୀ । ପ୍ରତ୍ୟେକ ଝିଅ ହିଁ ନିଜ ମା'ର ବିଭିନ୍ନ ରୂପ, ଏହିପରି ଭାବିବାକୁ ହୁଏ । ମାତୃଭାବ ହୃଦୟରେ ପ୍ରତିଷ୍ଠିତ ନ ହେଲେ ସ୍ତ୍ରୀ ଲୋକକୁ ଛୁଇଁବା ଅନୁଚିତ - ଯେତେ ଦୂରେଇ ରହିପାର ସେତେ ଭଲ; ଏପରିକି



ମୁଖ ଦର୍ଶନ ନକରିବା ଆହୁରି ଭଲ । ଧର୍ମର ସର୍ବସମନ୍ୱୟୀ ବ୍ୟାଖ୍ୟାରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର କହିଲେ-ଧର୍ମ କେବେହେଲେ ବହୁ ହୁଏନା, ଧର୍ମ ଏକ, ଆଉ ତାର କୌଣସି ପ୍ରକାର ନାହିଁ । ମତ ବହୁତ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ, କିନ୍ତୁ ତାହା ବୋଲି ଧର୍ମ ବହୁତ ହୋଇପାରେ ନାହିଁ । ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିୟାନ ଧର୍ମ, ବୌଦ୍ଧ ଧର୍ମ ଇତ୍ୟାଦି କଥା ମୋ ମତରେ ଭୁଲ, ବରଂ ସେ ସବୁ ଗୁଡ଼ିକ ମତ । କୌଣସି ମତ ସହିତ କୌଣସି ମତର ପ୍ରକୃତ ପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାର ଭେଦ-ଗୋଟିଏକୁ ନାନା ପ୍ରକାରରେ ଏକ ରୂପେ ଅନୁଭବ ।

ସତ୍‌ସଙ୍ଗ ଚାହେଁ ଭାରତ ଏକ ସମ୍ପ୍ରଦାୟ ନିରପେକ୍ଷ ଧର୍ମପ୍ରାଣ ରାଷ୍ଟ୍ର ହେଉ । ଆମେ କଂଗ୍ରେସ ମୁକ୍ତ ଭାରତ ଚାହୁଁନା, ବା ସଂଘ ମୁକ୍ତ ଭାରତ ଚାହୁଁନା । ଆମେ ଚାହୁଁ ସମ୍ପ୍ରଦାୟ ନିରପେକ୍ଷ ଧର୍ମପ୍ରାଣ ଭାରତ । ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଉଦାତ୍ତ କଣ୍ଠରେ ଗାଇ ଉଠିଲେ - 'ଆର୍ଯ୍ୟ ଭାରତ ବର୍ଷ ମୋର, ଜ୍ଞାନ ଗରିମା ଗରବିନୀ, ଦ୍ୟୁତିପ୍ରେକ୍ଷା ସ୍ଫୁରକ ପ୍ରଜ୍ଞା, ଦ୍ୟୁଲୋକ ଦୀପକ ମାଳିନୀ, ରକ୍ତ ତପନ କ୍ଷିପ୍ତ ଆଲୋକ, ରଶ୍ମି ପୁଲକ ଝଲକ ଝଲକ, ଦୀପ୍ତ ରିକ୍ତ ପାବକ ଅନଘ, ମୃତ୍ୟୁ ବିଜୟ ଦାୟିନୀ ! ହୋମର ଅନଳ ନାଚେ ଛଳ ଛଳ, ବହେ ସରସ୍ୱତୀ ସିନ୍ଧୁ ପ୍ରବଳ, ଦୃଷଦ୍ୱତୀ ଦେଲା ଅର୍ଘ୍ୟ ଆଂଚଳ, ସ୍ଫୁରିତ ଇନ୍ଦୁ ସ୍ମିତ ଟଳ ଟଳ, ଚଲେ ଭାଗିରଥୀ ଡାକେ କଳକଳ, ସାଗର ଧୌତ ଚରଣ ଯୁଗଳ, ତୁଙ୍ଗ ଧବଳ କିରୀଟିନୀ, ଅଯୁତ ରଶ୍ମି ଦୀପ୍ତ କେନ୍ଦ୍ର, ପୁରୁଷୋତ୍ତମ ଚିର ଅତନ୍ଦ୍ର, ଜାଗେ ଆହ୍ୱାନ ବିପୁଳ ମନ୍ଦ୍ର, ଅମର ଲପନା ଜୀବନ ସାନ୍ଦ୍ର, ଆର୍ଯ୍ୟ ଗରିମା ଗଭୀର ମନ୍ତ୍ର, ଛଳକି ସଣ୍ଟା ଏକଟି ତନ୍ତ୍ର, ଭାରତ ବିଶ୍ୱ ରତାୟିନୀ' । ଶ୍ରୀ ଶ୍ରୀ ଠାକୁର ଅତି ଦୃଢ଼ ଚିତ୍ତରେ ଘୋଷଣା କଲେ - ତୁମେ, ଠିକ୍ ଠିକ୍ ଜାଣ ଯେ, ତୁମେ ତୁମର, ତୁମ ନିଜ ପରିବାରର, ଦଶର ଏବଂ ଦେଶର ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ଦାୟୀ ।

**—ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
*ସହ-ପ୍ରତିରଦ୍ଧିକ ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*




ଭୁବନେଶ୍ୱର, ୨୦୨୩, ଅକ୍ଟୋବର ୮

# ଯୁଦ୍ଧ ହେଉ ବା ପ୍ରାକୃତିକ ବିପର୍ଯ୍ୟୟ... ସବୁଠି ଅପରାଜେୟ



ଶେଖ ଫରିଦ୍‌ଉଦ୍ଦିନ

୧୯୩୨ ମସିହା ଅକ୍ଟୋବର ୮ ତାରିଖରେ ପ୍ରତିଷ୍ଠିତ ହୋଇଥିଲା ଭାରତୀୟ ବାୟୁ ସେନା, ବ୍ରିଟିଶ ରୟାଲ୍ ଏୟାର୍ ଫୋର୍ସର ଏକ ସାଧାରଣ ଶାଖା ଭାବେ, ମାତ୍ର ଗୋଟିଏ ସ୍କ୍ୱାର୍ଡ୍ରନକୁ ନେଇ । ସେହି ପ୍ରଥମ ସ୍କ୍ୱାର୍ଡ୍ରନ ନାମିତ ହୋଇଥିଲା 'ନମ୍ବର ୱାନ୍ ସ୍କ୍ୱାର୍ଡ୍ରନ' ଭାବେ । ସେଥିରେ ୱାପିଟି ବାଇପ୍ଲେନକୁ । ଫ୍ଲାଇଟ୍ ଲେଫ୍‌ଟନାଣ୍ଟ ସେସିଲ୍ ବାଉଚର୍‌ଙ୍କ ନେତୃତ୍ୱରେ ସେଥିରେ ଯୋଗଦେଇଥିଲେ ୫ଜଣ ଭାରତୀୟ ପାଇଲଟ୍ । ୧୯୩୮ ପର୍ଯ୍ୟନ୍ତ ତାହା ସେହିପରି ରହିଥିଲା । କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରାଯାଇନଥିଲା । କେବଳ ଆଉ ୨ଟି ବିମାନ ଯୋଗ କରାଯାଇଥିଲା ସେଥି ସହ । ୧୯୪୩ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସ୍କ୍ୱାର୍ଡ୍ରନ୍ ସଂଖ୍ୟା ୭କୁ ଏବଂ ୧୯୪୫ରେ ୯କୁ ବୃଦ୍ଧି ପାଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ଯୁଦ୍ଧକ୍ଷେତ୍ରରେ ଏହାର ଉଲ୍ଲେଖନୀୟ ସଫଳତାକୁ ଦେଖି ତତ୍‌କାଳୀନ ବ୍ରିଟିଶ୍ ରାଜା ଷଷ୍ଠ ଜର୍ଜ ଏହାକୁ ପୁନାର୍ନାମିତ କରିଥିଲେ ରୟାଲ୍ ଇଣ୍ଡିଆନ୍ ଏୟାର୍ ଫୋର୍ସ ଭାବେ । ୧୯୪୭ରେ ସ୍ୱାଧୀନତା ବେଳକୁ ଏହାର ଯେଉଁ ୩ଟି ସ୍କ୍ୱାର୍ଡ୍ରନ୍ ପାକିସ୍ତାନରେ ରହିଯାଇଥିଲା ତାହାକୁ ସେଠାରେ ରହିବା ପାଇଁ ଛାଡ଼ିଦିଆଯାଇଥିଲା । ୧୯୫୦ରେ ଭାରତ ଗଣତନ୍ତ୍ର ହେବା ପରେ ରୟାଲ୍ ଇଣ୍ଡିଆନ୍ ଏୟାର୍ ଫୋର୍ସରୁ ରୟାଲ୍ ଶବ୍ଦଟି ବାଦ୍ ଦିଆଯାଇଥିଲା । ସଂପ୍ରତି ଏହାର ଆକାର ବେଶ୍ ବଡ଼ । ମୋଟ କର୍ମଚାରୀ ସଂଖ୍ୟା ୧ ଲକ୍ଷ ୭୦ହଜାର । ୮୫୨ଟି ଲଢୁଆ ବିମାନ ସହ ମୋଟ ୧୭୦୦ ବିମାନକୁ ଏଥିରେ ସାମିଲ କରାଯାଇଛି । ଆକାର ଏବଂ କ୍ଷମତା ଦୃଷ୍ଟିରୁ ଦେଖିଲେ ଏହା ବିଶ୍ୱରେ ଚତୁର୍ଥ ବୃହତ୍ତମ ବାୟୁସେନା । ଆଜି ଏହା ପାଳନ କରୁଛି ଏହାର ୭୭ତମ ପ୍ରତିଷ୍ଠା ଦିବସ । କେବଳ ଯୁଦ୍ଧ କ୍ଷେତ୍ର ବା ପରିବହନ ବ୍ୟବସ୍ଥା ନୁହେଁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଭାରତୀୟ ବାୟୁସେନା ତା'ର ଯେଉଁପରି ଭାବରେ ଅଦମ୍ୟ ତ୍ୟାଗ, ନିଃସ୍ୱାର୍ଥପର ସେବା ଓ ନିରବଚ୍ଛିନ୍ନ ଜନକଲ୍ୟାଣ ପାଇଁ ପ୍ରଚେଷ୍ଟା ପ୍ରତିପାଦନ କରିଛି ତାହା ଯେତେ ପ୍ରଶଂସା କଲେ ବି କମ୍ ହେବ । ଦୁଇବର୍ଷ ତଳର ପାର୍ବତ୍ୟ ଅଗମ୍ୟ ଓ ପ୍ରକୃତିଗତ ବିପର୍ଯ୍ୟୟ କ୍ଷେତ୍ରରେ ଉତ୍ତରାଖଣ୍ଡରେ ଯେଉଁ ପ୍ରକାର ପ୍ରଳୟର କାଣ୍ଡ ଦେଖାଯାଇଥିଲା ସେ ସମୟରେ ଭାରତୀୟ ବାୟୁସେନା ଯେଉଁପରି ନିଜର ନିରବଚ୍ଛିନ୍ନ ଓ ଅକ୍ଳାନ୍ତ ସେବା ଦେଖାଇଥିଲେ ତାହାର ପ୍ରଶଂସା କେବଳ ମୁକ୍ତି ପାଇଥିବା ତୀର୍ଥଯାତ୍ରୀ ବା ସ୍ଥାନୀୟ ବାସିନ୍ଦା ନୁହଁନ୍ତି ପ୍ରତିଟି ଭାରତୀୟଙ୍କ ସହିତ ସମଗ୍ର ପୃଥିବୀର ପ୍ରମୁଖ ଗଣମାଧ୍ୟମ ଏ ଖବରକୁ ପ୍ରାଥମିକତା ଦେଇ ଭାରତୀୟ ବାୟୁସେନାର ବୀର ସେବକଙ୍କ ପାଇଁ ପ୍ରଶଂସା ଓଜାଡ଼ି ଦେଇଥିଲେ । ସେହିପରି ନିକଟରେ ସମଗ୍ର ପୃଥିବୀକୁ ଥରାଇ ଦେଇଥିବା ନେପାଳର ଭୟାବହ ଭୂକମ୍ପ ବେଳେ ବିଦେଶରୁ ସର୍ବ ପ୍ରଥମେ ଭାରତ ଯେଉଁ ସହଯୋଗ ଓ ପୁର୍ନଉଦ୍ଧାରର ତତ୍କାଳ ପଦକ୍ଷେପ ନେଇଥିଲା ଏହାକେବଳ ସମ୍ଭବ ହୋଇଥିଲା କେବଳ ଭାରତୀୟ ବାୟୁସେନାର ସହଯୋଗ ପାଇଁ । ଭୂକମ୍ପରେ ପୀଡ଼ିତ ହୋଇ ମାଟିତଳେ ପୋତି ହୋଇଯିବା ସହ ବର୍ଷା ବିପ୍ଳାତକୁ ସାମ୍ନା କରୁଥିବା ନେପାଳବାସୀଙ୍କୁ ଭାରତୀୟ ବାୟୁସେନାର ପ୍ରଶିକ୍ଷିତ କମାଣ୍ଡୋମାନେ ଭାରତୀୟ ବାୟୁସେନାର ଗର୍ବ କୁହାଯାଉଥିବା ସବୁଠାରୁ ବନ ପରିବହନ ବିମାନ ହରକୁଲେସ୍ ବିମାନକୁ ନେଇ ସେଠାରେ ରିଲିଫ୍ ଓ ପୁର୍ନଉଦ୍ଧାରରେ ସାମିଲ ହୋଇଥିଲେ । ଭାରତୀୟ ବାୟୁସେନାର ଏହିପରି ତ୍ୱରନ୍ତ ଓ ଅକ୍ଳାନ୍ତ ସେବାକୁ ଦେଖି ପରବର୍ତ୍ତୀ ସମୟରେ ପୃଥିବୀର ବିଭିନ୍ନ ରାଷ୍ଟ୍ରର ବାୟୁସେନାର ସେନା ଯବାନମାନେ ଏହି ଉଦ୍ଧାର କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ । ଭାରତ ପରି ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ଭାବରେ ଯେଉଁ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଇଛି ସେଥିରେ ଭାରତୀୟ ବାୟୁସେନାର ସାହାଯ୍ୟ ଯେତେ ପ୍ରଶଂସା କଲେ ବି ନିଶ୍ଚିନ୍ତ ଭାବରେ କମ୍ ହେବ । ଓଡ଼ିଶାର ଭୟାବହ ମହାବାତ୍ୟା ଉପକୂଳବର୍ତ୍ତୀ ଜିଲ୍ଲାକୁ ଧ୍ୱଂସର ପ୍ରଳୟ ଭିତରେ ନିଛିନ୍ନ କରିବାକୁ ବସିଥିବାବେଳେ ଖରାପ ବା ପ୍ରତିକୂଳ ପାଗ ସତ୍ତ୍ୱେ ଭାରତୀୟ ବାୟୁସେନାର ବୀର ସୈନିକମାନେ ନିଜ ଜୀବନକୁ ପାଣିଛଡ଼ାଇ ଉର୍ସ୍ଗୀକୃତ ଯେଉଁ ସେବା ଦେଇଥିଲେ ତାହା କାଳ କାଳକୁ ପ୍ରତିଟି ଓଡ଼ିଆଙ୍କ ପାଇଁ କୃତଜ୍ଞତାର ସ୍ମରଣୀୟ ମୁହୂର୍ତ୍ତ ହୋଇ ରହିବ । ପ୍ରକୃତିର ଏହିପରି କରାଳ ବିଭୀଷିକା ସମୟରେ ବିଶେଷକରି ଭାରତୀୟ ବାୟୁସେନା ଯେଉଁ ନିଃସ୍ୱାର୍ଥପର ସେବା ଯୋଗାଇଥାନ୍ତି ସେ କ୍ଷେତ୍ରରେ ସେମାନେ ନିଜ ଜୀବନକୁ ଖାତିର କରି ନଥାନ୍ତି । ଅନେକ ସମୟରେ ଏହି ବୀର ସୈନିକମାନେ ନିଜ ଜୀବନକୁ ପାଣି ଛଡ଼ାଇ ଯେଉଁ ସେବା ଯୋଗାଇଥାନ୍ତି ସର୍ବୋପରି ସେମାନଙ୍କର ଯେଉଁ ବଳୀଦାନ ତାହା ଆମ ସମସ୍ତଙ୍କ ପାଇଁ ଅବିସ୍ମରଣୀୟ ହୋଇ ରହିବ । ଗତବର୍ଷ ପଡ଼ୋଶୀ ପାକିସ୍ତାନ ଠାରୁ ହିଂସାର ବାର୍ତ୍ତା ପାଇ ଜାମ୍ମୁ-କାଶ୍ମୀର ଯେତେବେଳେ ବନ୍ୟା ବିଭୀଷିକାରେ ଷଢୁ ଥିଲା ସେ ସମୟରେ ଭାରତୀୟ ବାୟୁସେନା ରିଲିଫ୍ ଓ ପୁର୍ନଉଦ୍ଧାର ପାଇଁ ସେବା ଯୋଗାଇ ଦେଲାବେଳେ କିଛି ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ଓ ଆତଙ୍କବାଦୀ ସେମାନଙ୍କ ଉପରେ ଆକ୍ରମଣ କରି ଏକ ଭୁଲ ବୁଝାମଣାର ପରିବେଶ ସୃଷ୍ଟି କରିବାକୁ ଚାହିଁଥିଲେ ବି ଏ କ୍ଷେତ୍ରରେ ଭାରତୀୟ ବାୟୁସେନା ନିଜ ସେବାକୁ ଗୁରୁତ୍ୱ ଦେଇ କୌଣସି ପ୍ରତିକ୍ରିୟା ପ୍ରକାଶ ନ କରି ନିଜର କ୍ଷତି ସହି ମଧ୍ୟ ସେବା ପ୍ରଦାନ କରିବାକୁ ପଛେଇ ନଥିଲେ । ଯାହାର ପରବର୍ତ୍ତୀ ସମୟରେ ହୁଏତ ସେହି ଅବିଚଳିତ ଓ ନିଃସ୍ୱାର୍ଥପର ସେବା ପାଇଁ ପଡ଼ୋଶୀ ପାକ୍ ଅଧିକୃତ କାଶ୍ମୀରବାସୀ ଆଜି ଭାରତରେ ମିଶିବା ପାଇଁ ସ୍ୱତଃ ଆଗ୍ରହ ପ୍ରକାଶ କରୁଛନ୍ତି । ଭାରତୀୟ ବାୟୁସେନା ସମଗ୍ର ବିଶ୍ୱରେ ନିଜର ସେନା ଦକ୍ଷତା, ସେବା ପରାୟଣତା ଓ ଦେଶ ମାତୃକାର ସେବା ପାଇଁ ଉତ୍ସର୍ଗୀକୃତ ରଖୁଥିବା ନିଜର ଦୃଢ଼ ମନୋବଳ ପାଇଁ ଅନ୍ୟ ମାନଙ୍କ ପାଇଁ ଆଦର୍ଶଣୀୟ ହୋଇପାରିଛି । ବିଭିନ୍ନ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସମଗ୍ର ପୃଥିବୀର ଏହି ଅଦ୍ୱିତୀୟ ସେନା ଭାରତ ବିରୁଦ୍ଧରେ ଲଢୁଥିବା ଶତ୍ରୁ ମାନଙ୍କ ପାଇଁ ନିଜ ଶାଣିତ ବଳ ଓ ସାହାସିକତା ଦେଖାଇ ସାରିଛି । ଦେଶମାତୃକାର ସେବାରେ ଭାରତୀୟ ବାୟୁସେନାର ଅତୁଳନୀୟ ସହଯୋଗ ରହିଛି । ଆଜି ଭାରତୀୟ ବାୟୁସେନା ଦିବସ ଅବସରରେ ଜଣେ ଭାରତୀୟ ହିସାବରେ ଏହି ସେନା ବିଭାଗର ପ୍ରତିଟି ବୀରଯୋଦ୍ଧା ଓ ସାହାସିକ ସୈନିକଙ୍କୁ ମୁଁ ଗଭୀର ପ୍ରଣାମ ଜଣାଉଛି ।

ଦୂରସଞ୍ଚାର ଭବନ,
ଲିଙ୍କରୋଡ଼, କଟକ,
ଦୂରଭାଷ : ୯୪୩୭୦୦୪୮୮୮

# ମଣ୍ଡୁକ କୃଷ୍ଣସର୍ପଙ୍କର ମିତ୍ରତା



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ମଣ୍ଡୁକ ଅର୍ଥ ବେଙ୍ଗ, ଏ ବେଙ୍ଗ ଏକ ସ୍ୱେଚ୍ଛାଚାରୀ ତାଙ୍କର ବେଙ୍ଗ ସମାଜରେ ରହିବା ଠିକ ମନେ କରୁନଥିଲା । ଏ ବେଙ୍ଗଙ୍କର ବାସ ଥିଲା ଏକ କୂପ । ସ୍ୱେଚ୍ଛାଚାରୀ ବେଙ୍ଗର ଚିନ୍ତା ତାଙ୍କର ଏ ବାସସ୍ଥଳୀର ବେଙ୍ଗଙ୍କ ମଧ୍ୟରେ ମୁଖ୍ୟ ହୋଇ ତାକୁ ତାହାର ବ୍ୟବହାରରେ ଦୋଷ ବାହାର କରୁଥିବା ବେଙ୍ଗଙ୍କୁ ଶେଷ କରିବାକୁ ହେବ, ପାନେ ଦେବାକୁ ହେବ । ବେଙ୍ଗ ଦଳରେ ଆପେ ବଞ୍ଚିଲେ ବାପର ନାମର ପଦ୍ଧତି ବା ସବସେ ଚୁପ ଭଲରେ ରହିବା ଭଲ ଦିଗରେ ରହି ଖାଲି ପରିସ୍ଥିତିକୁ ବଲ ବଲ କରି ଚାହିଁ ଚୁପ ରହୁଥିଲେ ।

ସ୍ୱେଚ୍ଛାଚାରୀ ବେଙ୍ଗଟି କୁବୁଦ୍ଧିରେ ସଦା ଭାବିତ ହୋଇ କୌଣସି ମତେ କୂଅରୁ ପଦାକୁ ଆସି ଏକ କୃଷ୍ଣସର୍ପ ହାବୁଡ଼ରେ ପଡ଼ିଲା । ବୁଭୁକ୍ଷୁ ସର୍ପଟି ବେଙ୍ଗଟିକୁ ଖାଇବାକୁ ବସିବାର ବେଙ୍ଗଟି ସର୍ପକୁ କହିଲା ହେ ମହାଭାଗ ମୋତେ ବଞ୍ଚାଅ ମୁଁ ତୁମକୁ ସବୁଦିନେ ଭୋଜନ ପାଇଁ ଏକ ଏକ ବେଙ୍ଗକୁ ଦେବା ସ୍ଥଳକୁ ନେଇ ଯାଇପାରେ । ଏଥିରେ ଆପଣଙ୍କର ମତ କଣ ? ସର୍ପଟି ରାଜି ହେବାରେ ଦ୍ୱିଧା ନଥିଲା । ଆଜିର ଭୋଜନକୁ ମାରି ସବୁଦିନ ଆଧାର ବିନା କ୍ଳେଶରେ ପାଇବା ଏ ବାସୁଯୋଗ ଅତଏବ କହିଲା ହଉ ମୁଁ ରାଜି । ଏଥର ବେଙ୍ଗଟି କହିଲା ଏକ ଅନ୍ୟସର୍ପ ମୁଁ ତୁମ ସମସ୍ତଙ୍କ ପଣାରେ ସଦା ବସି ରହିବକି ଏକଥାରେ ଆପଣ ରାଜି ତ ? ଆତୁର ହୋଇ ସର୍ପଟି ରାଜି ହୋଇ ବେଙ୍ଗକୁ ତା ମସ୍ତିଷ୍କରେ ବସାଇ ଉଦିଷ୍ଟ କୂପକୁ ଗଲା ଓ ବେଙ୍ଗଙ୍କର ରହଣୀ ଦେଖି ଖୁସି ହୋଇଗଲା । ଏଣେ ସେହି ସ୍ୱେଚ୍ଛାଚାରୀ ବେଙ୍ଗକୁ ତାର ପରିଜନ ସହିତ ସ୍ୱେଚ୍ଛଚାରୀ ବେଙ୍ଗକୁ ଭର୍ତ୍ସନା କରୁଥିଲେ ହେଲେ ସର୍ପ ମୁଣ୍ଡରେ ବସିଥିବାରୁ ଡରରେ ଶଙ୍କି ଯାଉଥିଲେ । ଏହି ପର୍ଯ୍ୟାୟରେ ଜାଣତରେ ଅଜାଣତରେ ପ୍ରତିଦିନ ବେଙ୍ଗଙ୍କ ଦଳରୁ ବହୁ ବେଙ୍ଗକୁ ଖାଇଗଲା ଏପରିକି ଏହି ସ୍ୱେଚ୍ଛାଚାରୀ ବେଙ୍ଗର ପତ୍ନୀ ଓ ପୁତ୍ରକୁ ଖାଇଗଲା । କୂପରୁ ବେଙ୍ଗ ଶୂନ୍ୟ ପରେ ନିଜ ମୁଣ୍ଡ ଉପରେ ବସାଇଥିବା ବେଙ୍ଗଟିକୁ ସର୍ପ ସେଦିନ ଭୋଜନ ପାଇଁ ଖାଦ୍ୟ ମାଗିଲା । ଏହି ଏକଲା ବେଙ୍ଗଟି ଥିଲା ନିରୁପାୟ ଏପରିକି ଶେଷରେ ମୁଣ୍ଡରୁ ଫିଙ୍ଗି ବେଙ୍ଗକୁ ଶେଷ କରି ଦେଇଥିଲା । ଏଥିରୁ ଏଇ ଶିକ୍ଷା ଏକକନୁସାରେ ନରହିଲେ ଅନେକ ଅସୁବିଧା ଉପୁଜେ ସତ୍ୟ କିନ୍ତୁ ଏକ ନିରାପତ୍ତା ଥାଏ । ଏକ ବାହାର ଶତ୍ରୁକୁ ମିତ୍ର ଭାବି ସମ୍ପର୍କ ଯୋଡ଼ିଲେ ତାର କ୍ରିୟା କର୍ମକୁ ଅଣଦେଖା କରାଯାଏ । ଶେଷରେ ସଦସ୍ୟ ଶେଷ ହୁଅନ୍ତି ଶେଷରେ ନିଜର ହାନି ହୋଇଥାଏ । କୃଷ୍ଣସର୍ପ ଅର୍ଥ ମହା ବିଷଧର ସର୍ପ । ସେ କେତେବେଳେ ବିଷ ଉଦଗାରିବ କିଏ ଜାଣେର । ସସର୍ପଚ ଗୃହେବାସ ମୃତ୍ୟୁ ହେବ ନଶଂସୟ । ଏପରି ପରିସ୍ଥିତି ଅନେକ ଥର ଉପୁଜେ ଏପରି ପରିସ୍ଥିତି ଏ ସମୟରେ ଦେଖାଯାଉଛି । କାହାଣୀଟି ବାସ୍ତବପ କ୍ଷେତ୍ରରେ ପରିଣତ ହେବାକୁ ବସିଲାଣି ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# ଭବ ସାଗର ତାରଣ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଯୁଗ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – ଭବ ସମୁଦ୍ର ମାନେ ହେବାର ସମୁଦ୍ର, ଚାଲିବାର ସମୁଦ୍ର । ଏହି ସମୁଦ୍ର ମଧ୍ୟରେ ସନ୍ତରଣ କରିବାକୁ ଗଲେ ଡଙ୍ଗାର ଖୁଣ୍ଟି ସହିତ ନିଜକୁ ଅଚ୍ୟୁତ ଅନୁରାଗ ରଜ୍ଜୁରେ ବାନ୍ଧି ନେଇ ଚାଲିବାକୁ ହୁଏ । ନ ହେଲେ ସ୍ରୋତ କେଉଁଠିକୁ ଭସାଇ ନେଇଯିବ ତାର ପତ୍ତା ନାହିଁ, ଡଙ୍ଗାର ଖୁଣ୍ଟି ହେଲେ ଶ୍ରୀଗୁରୁ ବା ଇଷ୍ଟ ପୁରୁଷୋତ୍ତମ । ସିଏ ପ୍ରବୃତ୍ତିକୁ ଚାଳନା କରନ୍ତି, କିନ୍ତୁ ପ୍ରବୃତ୍ତି ଦ୍ୱାରା ଚାଳିତ ହୁଅନ୍ତି ନାହିଁ । ସେଥିପାଇଁ ଭଗବାନ ଶ୍ରୀକୃଷ୍ଣ ଶ୍ରୀମଦ୍ ଭଗବତ ଗୀତାରେ କହିଛନ୍ତି । ଦୈବୀହ୍ୟେଷା ଗୁଣମୟୀ ମମ ମାୟା ଦୁରତ୍ୟୟା, ମାମେବ ଯେ ପ୍ରଦଦ୍ୟନ୍ତେ ମାୟାମେତାଂ ତରନ୍ତିତେ । ଏହି ବିଶ୍ୱ ବ୍ରହ୍ମାଣ୍ଡର ସବୁକିଛି ବ୍ୟୋମ ମଧ୍ୟରେ ଅବସ୍ଥାନ କରୁଛି । ଏହି ଶୂନ୍ୟକୁ କୁହାଯାଏ ବ୍ୟୋମ ବିଶ୍ୱନାଥ, ବ୍ୟୋମ ହେଲା ଶବ୍ଦର ବିନ୍ୟାସ, ଯାହା ବ୍ୟାପ୍ତ ହୋଇଛି ସବୁକିଛି ମଧ୍ୟରେ । ଯାହା କିଛି ସୃଷ୍ଟି ହୋଇଛି ତାହା ବ୍ରହ୍ମ ଓ ସୃଷ୍ଟି କରିଛନ୍ତି ଯେ ସେ ହିଁ ବ୍ରହ୍ମା । ମହାଭାରତରେ ବ୍ରହ୍ମମାନେ ବୃଦ୍ଧି ବୋଲି ବର୍ଣ୍ଣନା କରାଯାଇଛି । ମୂଳରେ ସେହି ଏକ, ଆଉ ଯାହା କିଛି ସବୁ ଏକର ହିଁ ନାନା ପ୍ରକାର ଅଭିବ୍ୟକ୍ତି । ଏହା ଶାଶ୍ୱତ ଓ ଚିରନ୍ତନ । ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ଜଗତକୁ ମିଥ୍ୟା କହିଛନ୍ତି, କିନ୍ତୁ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ଜଗତ ମିଥ୍ୟା ନୁହେଁ, ନଶ୍ୱର ଅର୍ଥ ଚିରସ୍ଥାୟୀ ନୁହେଁ । ସବୁକିଛି ପରିବର୍ତ୍ତନଶୀଳ । କୌଣସି ବସ୍ତୁ ନଷ୍ଟ ହୁଏ ନାହିଁ ବା ତାର ମୌଳିକ ଉପାଦାନ ମଧ୍ୟ ନଷ୍ଟ ହୁଏନାହିଁ । ତାହା ପରିବର୍ତ୍ତନ ହୁଏ ମାତ୍ର ନଶ୍ୱର ଅର୍ଥ ପରିବର୍ତ୍ତନଶୀଳ । ତେଣୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼ କଣ୍ଠରେ ପ୍ରକାଶ କଲେ ଜଗତ ନଶ୍ୱର, ମିଥ୍ୟା ନୁହେଁ । ଶ୍ରୀ ଶ୍ରୀ ଠାକୁର କହିଲେ କୃପା ମଧ୍ୟରେ ଅଛି କୃ ଓ ପା – ଅର୍ଥ କରିବା ଓ ପାଇବା ।

ଶ୍ରୀ ଶ୍ରୀ ଠାକୁର ଏହି ପ୍ରସଙ୍ଗରେ କହିଲେ – ଆନନ୍ଦ ମଧ୍ୟରେ ଅଛି ନିଷ୍ଠା, ଆନୁଗତ୍ୟ ଓ କୃତିସମ୍ବେଗ । ଏହି ତିନୋଟି ଯେତେବେଳେ ଏକମୁଖୀ ହୋଇ ଚାଲେ ସେତେବେଳେ ମନୁଷ୍ୟ ଆନନ୍ଦରେ ଭରପୁର ହୋଇଉଠେ । ପୁଣି ଆନନ୍ଦ ଆସିଛି ନନ୍ଦ ଧାତୁରୁ । ନନ୍ଦ ଧାତୁ ମଧ୍ୟରେ ଅଛି କମ୍ପନ, ଦୋଳାୟମାନ ଗତି ଓ ଢ଼େଉ ଯଥା – ପ୍ରସାରଣ, ସଙ୍କୋଚନ ଓ ବିରମଣ । ଶାନ୍ତି ଆମ୍ଭେମାନେ କାହାକୁ କହୁ ? ଆମ୍ଭମାନଙ୍କର ଅନ୍ତଃକରଣରେ ଯେପରି ବ୍ୟଥା ନ ଲାଗେ ସେହିପରି ଅବସ୍ଥା ଆସିଲେ ଶାନ୍ତି ମିଳେ । ଶାନ୍ତି ମାନେ ଉପରତି ବା ବିରାମ ନୁହେଁ । ମନ ମଧ୍ୟରେ ଯେତେବେଳେ ସମତା ଅବସ୍ଥା ଆସେ ତାହାକୁ ଶାନ୍ତି କୁହାଯାଏ । ବ୍ରହ୍ମାଣ୍ଡର ଉଦ୍ଦେଶ୍ୟ ସମ୍ବନ୍ଧରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ଏହାର ଉଦ୍ଦେଶ୍ୟ ହେଉଛି ଲୀଳା, ଆଲିଙ୍ଗନ – ଗ୍ରହଣ ଓ ଉପଭୋଗ । ମୁଁ ତୁମକୁ ଜଡ଼ାଇ ଧରିଲି, ତୁମେ ମୋତେ ଜଡ଼ାଇ ଧରିଲ, ମୁଁ ତୁମକୁ ଗ୍ରହଣ କଲି, ତୁମେ ମୋତେ ଗ୍ରହଣ କରିଲ, ଯେପରି ଈଶ୍ୱର ବା ଗୁରୁ ପୂଜାରେ ଆମ୍ଭେମାନେ ନିୟୋଜିତ ହୋଇଛୁ । ଗୁରୁଙ୍କୁ ନ ମଣିବ ନର, ଗୁରୁ ହିଁ ସାକ୍ଷାତ ଈଶ୍ୱର । ଏହି ଗୁରୁର ଅର୍ଥ ହେଉଛି ସଦ୍‌ଗୁରୁ ବା ପୁରୁଷୋତ୍ତମ । ଆମେ ସମସ୍ତେ ମିଶି ଏକ ଫୁଲ୍‌ତୋଡା, ଯେପରି ଗୁରୁ ପୂଜା ବା ଇଷ୍ଟ ପୂଜାରେ ଲାଗିପାରୁ । ଏହି ଗୁରୁ ବା ଇଷ୍ଟଙ୍କୁ ବାଦ୍ ଦେଇ କୌଣସି ଲୀଳା ନାହିଁ । ଗୁରୁ ବା ଇଷ୍ଟଙ୍କୁ ବାଦ ଦେଇ ଯାହା ଅଛି ତାହା ହେଉଛି ଶୟତାନର ଲୀଳା ।

ଅବସର ପ୍ରାପ୍ତ ବିଭାଗୀୟ ମୁଖ୍ୟ,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର
ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ଗୋପବନ୍ଧୁ ଦୀନବନ୍ଧୁ



ବାଦଲ ଭୂୟାଁ

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଉତ୍କଳମାତାର ଯୋଗ୍ୟତମ ସନ୍ତାନ । ସମାଜ ସେବା କ୍ଷେତ୍ରରେ ଗୋପବନ୍ଧୁଙ୍କ ଦାନ ଅତୁଳନୀୟ । ତୁଳସୀ ଦୁଇ ପତ୍ରରୁ ବାସିବା ପରି ଗୋପବନ୍ଧୁଙ୍କ ସେବା ମନୋବୃତ୍ତିର ପରିପ୍ରକାଶ ପିଲାଟି ଦିନରୁ ଘଟିଥିଲା । ଗୋପବନ୍ଧୁ ଥିଲେ ରୂପାଦେଇପୁର ଭର୍ଣ୍ଣାକୁଲାର ସ୍କୁଲର ଛାତ୍ର । ଏକଦା ସ୍କୁଲ ପଣ୍ଡିତଙ୍କ ଦେହ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କ ପାଇଁ ଲେମ୍ବୁଟିଏ ଯୋଗାଡ଼ କରିବାକୁ ଗୋପବନ୍ଧୁ ଭାର୍ଗବୀ ନଦୀର ଖଇଫୁଟା ବାଲି ଉପରେ ଚାଲିଥିଲେ । ପଣ୍ଡିତଙ୍କୁ ଲେମ୍ବୁ ପାଣି ପିଆଇବା ପରେ ପଣ୍ଡିତ ସେଦିନ କହିଥିଲେ 'ଗୋପ ଦିନେ ଭାରି ବଡ଼ ଲୋକ ହେବ । ଦୀନ, ଦୁଃଖୀ, ଦରିଦ୍ରଙ୍କ ସେବାରେ ଜୀବନ ଉତ୍ସର୍ଗ କରିବ ।' ପଣ୍ଡିତଙ୍କ କଥା ସତ ହେଲା । ଦୀନ, ଦୁଃଖୀଙ୍କ ସେବାରେ ଗୋପବନ୍ଧୁ ସଳିତା ଭଳି ଆଜୀବନ ଜଳିଥିଲେ ଏବଂ ପାଲଟିଯାଇଥିଲେ ସମଗ୍ର ଉତ୍କଳର ତ୍ରାଣକର୍ତ୍ତା । ଗୋପବନ୍ଧୁ କେବଳ ଜନସେବକ ନଥିଲେ; ଏକାଧାରରେ ସେ ଦେଶପ୍ରେମୀ, ସଂଗଠକ, ସଂସ୍କାରକ, ସାହିତ୍ୟିକ ଓ ବାଗ୍ମୀ ଥିଲେ । ୧୯୦୯ରେ ପ୍ରତିଷ୍ଠା କରିଥିଲେ ସାକ୍ଷୀଗୋପାଳ ବନ ବିଦ୍ୟାଳୟ । ଏହାଥିଲା ଆଦର୍ଶ ମାନବ ନିର୍ମାଣ କାରଖାନା । ୧୯୨୧ରେ ମହାତ୍ମା ଗାନ୍ଧୀ ପ୍ରଥମ ଥର ଓଡ଼ିଶା ଆସିଥିବାବେଳେ ବନ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ପରେ ସେ ୟଙ୍ଗ ଇଣ୍ଡିଆରେ ଲେଖିଥିଲେ ଏ ଭଳି ନିଷ୍ଠାପର ଶିକ୍ଷକ ଓ ଛାତ୍ର ଯଦି ଦେଶରେ ସୃଷ୍ଟି ହୁଅନ୍ତେ, ତେବେ ବର୍ଷକ ମଧ୍ୟରେ ସ୍ୱରାଜ୍ୟ ଲାଭ କରିବା କିଛି ବିସ୍ମୟକର କଥା ନୁହେଁ ବୋଲି ମୋର ବିଶ୍ୱାସ । ଗୋପବନ୍ଧୁ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବିନ୍ଧାଣି । ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଗୋପବନ୍ଧୁଙ୍କୁ ଉତ୍କଳମଣି ଉପାଧି ଦେଇଥିଲେ । ଗୋପବନ୍ଧୁଙ୍କ ପ୍ରସିଦ୍ଧ ସାରସ୍ୱତ ସୃଷ୍ଟି ମଧ୍ୟରୁ ବନ୍ଦୀର ଆତ୍ମକଥା, ଧର୍ମପଦ, କାରା କବିତା, ଗୋ-ମାହାତ୍ମ୍ୟ, ନଚିକେତା ଉପାଖ୍ୟାନ, ଅବକାଶ ଚିନ୍ତା ଅନ୍ୟତମ । ୧୮୭୭, ଅକ୍ଟୋବର ୯ ତାରିଖ ଦିନରେ ସାକ୍ଷୀଗୋପାଳ ଥାନା ଅନ୍ତର୍ଗତ ସୁଆଣ୍ଡୋ ଗ୍ରାମରେ ଜନ୍ମ ହୋଇଥିଲେ ଓଡ଼ିଶାର ମଉଡମଣି ଗୋପବନ୍ଧୁ ଦାସ । ଓଡ଼ିଶାର ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ଥିଲା ଉତ୍କଳ ପ୍ରାଣ ଗୋପବନ୍ଧୁଙ୍କ କର୍ମ ଓ ତ୍ୟାଗର କ୍ଷେତ୍ର । ଓଡ଼ିଆ ଭାଷା ଆଜି ଏଠାରେ ଦ୍ୱିତୀୟ ରାଜ୍ୟ ଭାଷାର ମର୍ଯ୍ୟାଦା ପାଇଛି । ଉତ୍କଳମଣିଙ୍କ ପ୍ରଧାନ ଓ ପ୍ରଥମ କର୍ମଭୂମି ଥିଲା ସିଂହଭୂମ । କଟକ, ପୁରୀ, ବାଲେଶ୍ୱର ଅଞ୍ଚଳରେ ୧୯୨୦ ପର୍ଯ୍ୟନ୍ତ ସେଥିଲେ ଜଣେ ସମାଜସେବୀ । ଗାଁ ଗାଁ ବୁଲି ବଢ଼ି, ମରୁଡ଼ି ସମୟରେ ସ୍ୱେଚ୍ଛାସେବୀ ମାନଙ୍କୁ ଧରି ଚୁଡ଼ା, ଚାଉଳ ବାଣ୍ଟୁଥିଲେ । ସିଂହଭୂମର ଚକ୍ରଧରପୁର ଠାରେ ତାଙ୍କ ରାଜନୈତିକ ଜୀବନର ଆରମ୍ଭ ହୋଇଥିଲା କହିଲେ ଭୁଲ ହେବନାହିଁ । ଏଠାରେ ହୋଇଥିବା ଉତ୍କଳ ସମ୍ମିଳନୀ ଅଧିବେଶନରେ ସେ ସମୟର ରାଜନେତା ମାନଙ୍କୁ ବିରୋଧ ଏଇ ସିଂହଭୂମ ମାଟିରୁ କରିଥିଲେ । କଂଗ୍ରେସ ଦଳର ବାର୍ତ୍ତାକୁ ପ୍ରଚାର ପ୍ରସାର କରି ସେ ସମୟର ନେତା ମାନଙ୍କ ଭିତରେ ମଧ୍ୟରେ ହୋଇପାରିଥିଲେ ଅଗ୍ରଣୀ । ଗୋପବନ୍ଧୁଙ୍କ ଅତି ଆଦରର କର୍ମପୀଠ ସିଂହଭୂମ ଓଡ଼ିଆ ଜାତି ପାଇଁ ଏକ ତୀର୍ଥ ଭୂମିଠୁଁ କମ ନଥିଲା । ୧୯୨୩ ବେଳର କଥା । ସେ ସମୟରେ ଜମିଦାର ମାନଙ୍କର ସେପରି ଥାଟବାଟ ନଥାଏ । ନାମ ଓ ସଞ୍ଜ୍ଞା ସାର ହୋଇ ରହିଯାଇଥିଲେ ରାଜ ପରିବାର, କର୍ପୁର ଉଡିଯାଇ କନା ପଡ଼ି ରହିଥିବା ପରି କଥା । ନାଁ ଥିଲା ଅର୍ଥର ପ୍ରାବଲ୍ୟ ନାଁ କ୍ଷମତା, ପ୍ରତିପତ୍ତି । ଇଂରେଜ ମାନଙ୍କ କଡ଼ା ଶାସନ ଫଳରେ ଜମିଦାର ମାନଙ୍କର ଗୌରବ, ଗାଥା ସବୁ ଅସ୍ତମିତ ହୋଇ ଆସିଥିଲା । ୧୯୧୨ ମସିହାରେ ବିହାର ସହିତ ଏ ଅଞ୍ଚଳକୁ ମିଶେଇ ଦେବା ଫଳରେ ଓଡ଼ିଆ ଭାଷା, କଳା, ସଂସ୍କୃତି ସୁବ ଲୋପ ପାଇବା ଉପରେ ଥିଲା । କେରା ଆସି ଗୋପବନ୍ଧୁ ଦେଖିଲେ ବିହାରୀମାନେ ଓଡ଼ିଆ ଭାଷାର କଣ୍ଠରୋଧ କରିବା ପାଇଁ ଯେଉଁ ପ୍ରପଞ୍ଚ ଚଳେଇଛନ୍ତି ଜମିଦାର ଠାକୁର ଲକ୍ଷ୍ମୀ ନାରାୟଣଙ୍କଠୁ ଶୁଣି ସେ ସ୍ତବ୍ଧ ହୋଇଯାଇଥିଲେ । ଓଡ଼ିଆ ମାରଣ ନୀତି ତାଙ୍କ ମନ ମଗଜକୁ ଦଗ୍ଧ କରିଦେଇଥିଲା । ସିଂହଭୂମର ବିସ୍ତୃତି ଅଞ୍ଚଳ ଭ୍ରମଣ କରି, ଚାଇବସା, ଚକ୍ରଧରପୁର, ପୋଡାହାଟ, ଷଢ଼େଇକଳା, ଖରସୁଆଁ ଓ ବହଳାଗୋଡ଼ାର ପଞ୍ଚରୁଳିଆ, ଚୟନପୁର, ଆନନ୍ଦପୁର, ଧଳଭୂମ ଆଦି ଅଞ୍ଚଳକୁ ଆସି ସେଠାକାର ବିଶିଷ୍ଟ ଓଡ଼ିଆ ମାନଙ୍କ ସହିତ ସମନ୍ୱୟ ରକ୍ଷା କରି କିପରି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ସୁରକ୍ଷା ହୋଇପାରିବ ତାର ସରଜମିନ ତଥ୍ୟ ଗ୍ରହଣ କରି ଉପରସ୍ଥ ବ୍ରିଟିଶ ଶାସକ ମାନଙ୍କୁ ବୁଝାଇ ଥିବାର କଥା ନଜରକୁ ଆସେ । ୟୁରୋପରେ ବିଶ୍ୱଯୁଦ୍ଧ ଲାଗି ରହିଥିଲା ବେଳେ ସେ ଏଠାରେ ପଇସିକିଆ ଫଣ୍ଡର ଅବଧାରଣା ଆରମ୍ଭ କରିଥିଲେ । କାରଣ ତାଙ୍କ ଦ୍ୱାରା ସ୍ଥାପିତ ଓଡ଼ିଆ ବିଦ୍ୟାଳୟ ସବୁ ଅର୍ଥ ଅଭାବରୁ ବନ୍ଦ ହୋଇନଯାଉ । ୧୭.୧୧.୧୯୨୭ ତାରିଖ ସମାଜରେ ସେ ଲେଖିଥିଲେ ଅର୍ଥ ଅଭାବପରୁ ସିଂହଭୂମ, ଫୁଲଝର ପ୍ରଭୃତି ସ୍ଥାନରେ କରାଯାଇଥିବା ଓଡ଼ିଆ ସ୍କୁଲ ଗୁଡ଼ିକ ଏତେ ବେଳକୁ ଭାଙ୍ଗିଗଲାଣି । ମୁଁ ସେଥିରେ ମର୍ମାହତ । ୧୯୨୨ ପରେ ଗୋପବନ୍ଧୁ ସିଂହଭୂମ ଆଡ଼କୁ ଆଉ ପ୍ରାୟ ଆସି ନାହାନ୍ତି । ତଥାପି କଟକ, ପୁରୀ ଆଦି ଅଞ୍ଚଳରେ ରହି ମଧ୍ୟ ସେ ସିଂହଭୂମ ଓଡ଼ିଆ ଆନ୍ଦୋଳନ ପ୍ରତି ଆନ୍ତରିକ ଦୃଷ୍ଟି ରଖିଥିଲେ । ଏ ବିଷୟରେ ୨୨.୧୧.୧୯୨୭ ସଂଖ୍ୟା ସମାଜରେ ପ୍ରକାଶିତ । ସିଂହଭୂମର ବିଶିଷ୍ଟ କବି ଦିଲ୍ଲୀପ ଷଡ଼ଙ୍ଗୀ, ଦେବାନନ୍ଦ ବଟ କବିତାରେ ଗୋପବନ୍ଧୁଙ୍କ ବିଷୟରେ ଲେଖିଥିଲେ, କଟକ ଠୁ ଶହ ଶହ ମାଇଲ ଏ ପାରେ, ଏଇ ସିଂହଭୂମରେ ଯେବେ ଥାପେ ତୁମ ଘଟ, ପୂଜା ପାଇଁ ତୁମରି କଳସ, ଜଣେ ମତେ ପ୍ରଶ୍ନ କଲେ କିଏ ଥିଲେ ଗୋପବନ୍ଧୁ ଦାସ ? ଜଣେ ସମ୍ବାଦିକ ଗୋପବନ୍ଧୁ ଶତ ବାର୍ଷିକ ପାଳିତ ପାଳନ ଅବସରରେ ପଚାରିଥିବା ପ୍ରଶ୍ନ ଗୋପବନ୍ଧୁ କିଏ ଥିଲେ ? ଉତ୍ତରରେ କବି ଦିଲ୍ଲୀପ ଷଡ଼ଙ୍ଗୀ ଏକଥା ଲେଖିଥିଲେ । ଆଜି ପ୍ରବାସର ଏହି ସୁଦୂର ଝାଡ଼ଖଣ୍ଡର ଟାଟାନଗରରେ ପ୍ରବାସୀ ଓଡ଼ିଆ ମାନଙ୍କ ସହିତ ଗୋପବନ୍ଧୁଙ୍କ ଜୟନ୍ତୀ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହେଉଛି ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି
ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ
ରୋଡ଼, ପୁରୁଣା ସୋନାରୀ,
ଜାମସେଦପୁର,
ଦୂରଭାଷ : ୭୪୮୮୯୯୮୫୩୨

# ପ୍ରାଣୀ ସୁରକ୍ଷା ଦିବସ



ଅକ୍ଷୟ କୁମାର ରାଉତ

ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବି ପର୍ବତମାଳା, ତରଙ୍ଗଶୋଭିତ ନଦୀସକଳ ହଂସକାରାଣ୍ଡାକାଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର, ଶାଳ , ପିଆଶାଳ, ଅଶିନ, ଆମ୍ବ, ପଣସ ଆଦି ବୃକ୍ଷ ପରିପୂର୍ଣ୍ଣ ଘଂଚ ଜଙ୍ଗଲ । ପ୍ରକୃତିର ଏକ ସୌନ୍ଦର୍ଯ୍ୟମୟୀ ନୟନାଭିରାମ ଦୃଶ୍ୟ । ଅରଣ୍ୟର ଗୁରୁଗମ୍ଭୀର କାନ୍ତକମନୀୟ, ପରିବେଶ ମନୁଷ୍ୟର ହୃଦୟସ୍ପର୍ଶୀ ହୋଇଥାଏ । ଜଙ୍ଗଲ ହିଁ ମନୁଷ୍ୟ ସଭ୍ୟତାର ଜୀବନ । ଏହି ବିଚିତ୍ର ବର୍ଣ୍ଣ ବନଭୂମିରେ ବନ୍ୟ ପଶୁ ପକ୍ଷୀମାନଙ୍କର ଜୀବନଯାପନର ପ୍ରଣାଳୀ ମନୁଷ୍ୟକୁ ପରିତୃପ୍ତ କରିଥାଏ । ସେମାନଙ୍କର ଗୁଞ୍ଜନ, ଗର୍ଜନ, ରାବ ଓ କାକଳିରେ ବନଭୂମିରେ ସୃଷ୍ଟିହୁଏ ଶ୍ରୁତିମଧୂର ଓ ଭୀତଚକିତ ପରିବେଶ । ମହିଷିମାନଙ୍କର ସିଂହ ସହିତ ଲଢେଇ, ବ୍ୟାଘ୍ର ଗଜର ସମର, ବ୍ୟାଘ୍ର ଦେଖି ହରିଣ ଯୂଥର ପଳାୟନ, ମହାବଳ ବାଘ, ଭାଲୁ, ଗଧିଆ, ସରିଶୃପ ଓ ବିଭିନ୍ନ ବନ୍ୟଜନ୍ତୁଙ୍କର ଗତିବିଧି ଦର୍ଶକଙ୍କ ମନକୁ କରେ ପୁଲକିତ । ଚିଡିଆଖାନା ଠାରୁ ମୁକ୍ତ ବନ୍ୟ ପରିବେଶରେ ଥିବା ପଶୁ ପକ୍ଷୀମାନଙ୍କୁ ଦେଖିବାରେ ରହିଛି ଅନେକ ଆନନ୍ଦ । କିନ୍ତୁ ଶିକାରୀ ମାନଙ୍କର ଅହେତୁକ ଶିକାର ପ୍ରିୟତା ଏବଂ ବିଚାରହୀନ ଶିକାର ପ୍ରକ୍ରିୟା ଫଳରେ ବନଭୂମିରୁ ବହୁବିଧ ବନ୍ୟଜନ୍ତୁ ସବଂଶରେ ଲୁପ୍ତ ଓ ନିଶ୍ଚିହ୍ନ ହେବାକୁ ବସିଲେଣି । ବୃକ୍ଷଲତା, ଗୁଳ୍ମଆଦି,ପଶୁପକ୍ଷୀ, ଜୀବଜନ୍ତୁ ମାନଙ୍କର ଅଭିବୃଦ୍ଧି, ମାନବ ସମାଜର ଅର୍ଥନୈତିକ ଓ ବୈଜ୍ଞାନିକ ପ୍ରଗତିରେ ସହାୟକ ହୋଇଥାଏ । ଅସଂଖ୍ୟ ବନ୍ୟଜନ୍ତୁଙ୍କର ବିଭିନ୍ନ ଅଙ୍ଗ ମନୁଷ୍ୟର ଔଷଧ ଆଦି ପ୍ରସ୍ତୁତିରେ ବିଶେଷ ଭାବରେ ବ୍ୟବହୃତ ହୁଏ । ବନ ମଧ୍ୟରେ ଏକ ଶ୍ରେଣୀର ଶ୍ୱାନ ରହିଛନ୍ତି, ଯେଉଁମାନେ କି ଜଙ୍ଗଲ ମଧ୍ୟରେ ମନୁଷ୍ୟକୁ ବାଟ ଦେଖାଇଥାଆନ୍ତି । ଶିକାରୀ ମାନଙ୍କର ଅତ୍ୟାଚାରରୁ ବନ୍ୟଜନ୍ତୁଙ୍କୁ ରକ୍ଷା କରିବା ଲାଗି ଏବେ ଠାରୁ ସତର୍କ ନହେଲେ ମନୁଷ୍ୟ ସମାଜ ଏକ ଅମୂଲ୍ୟ ମହାସମ୍ପଦ ହରାଇ ବସିବ ।

ବନ୍ୟ ପ୍ରାଣୀମାନଙ୍କର ସୁରକ୍ଷା ପାଇଁ ୧୯୭୨ ମସିହାରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ପ୍ରଣୀତ ହେଉଅଛି । ବନ୍ୟଜନ୍ତୁ ସଂରକ୍ଷଣ ନିମିତ ଭାରତ ବର୍ଷରେ ୧୦୪ ଟି ଜାତୀୟ ଉଦ୍ୟାନ ତାର ଆୟତନ ୪୩.୭୧୬ ଲକ୍ଷ୍ମ ଓ ୫୬୬ ଟି ଅଭୟାରଣ୍ୟ ଯାହାର କ୍ଷେତ୍ରଫଳ ୧୨୨୪୨୦ ଲକ୍ଷ୍ମ ଅଟେ । ସମୟ କ୍ରମେ ଏସବୁର ବୃଦ୍ଧି ଘଟୁଛି । ଓଡ଼ିଶାର ୨ଟି ଜାତୀୟ ଉଦ୍ୟାନ ଥିବା ବେଳେ ମଧ୍ୟପ୍ରଦେଶରେ ୧୧ଟି ଓ ପଞ୍ଜାବରେ ଜାତୀୟ ଉଦ୍ୟାନ ନାହିଁ । ଓଡ଼ିଶାରେ ୧୯ ଟି ଅଭୟାରଣ୍ୟ ଥିବାବେଳେ ମହାରାଷ୍ଟ୍ରରେ ୪୮ଟି ଅଭୟାରଣ୍ୟ ଅଛି । ଆମ ଭାରତ ବର୍ଷରେ ୫୨ ଟି ବ୍ୟାଘ୍ର ସଂରକ୍ଷଣ ଏବଂ ୩୨ ଟି ହାତୀ ସଂରକ୍ଷନ ରହିଅଛି । ବ୍ୟାଘ୍ରଙ୍କ ସଂଖ୍ୟା ପ୍ରାୟ ୨୯୬୭ଟି ଥିଲାବେଳେ ହାତୀମାନଙ୍କ ସଂଖ୍ୟା ୨୭୩୧୨, ସେହିପରି ଭାରତ ବର୍ଷରେ ସିଂହମାନଙ୍କ ସଂଖ୍ୟା ପ୍ରାୟ ୬୭୪ଟି । ଓଡ଼ିଶାରେ ହାତୀ ସଂରକ୍ଷଣ ପାଇଁ ମୟୁରଭଞ୍ଜ(ER), ମହାନଦୀ (ER) ସମ୍ବଲପୁର (ER) ଓ ଚନ୍ଦକା ହାତୀ ଅଭ୍ୟାରଣ୍ୟ ରହିଛି । କେନ୍ଦ୍ର ସରକାର ବନ୍ୟଜନ୍ତୁ ମାନଙ୍କ ସୁରକ୍ଷା ପାଇଁ The Indian Board For Wildlifର ନାମକ ଏକ ସଂଗଠନ ପ୍ରତିଷ୍ଠା କରିଛନ୍ତି । ବନ୍ୟଜନ୍ତୁ ସଂରକ୍ଷଣ ବିଷୟରେ ଜନସାଧାରଙ୍କୁ ସଚେତନତା ପାଇଁ ବନ୍ୟଜନ୍ତୁ ସଂରକ୍ଷଣ ସପ୍ତାହ ବା ପଶୁ କଲ୍ୟାଣ ଦିବସ ଅକ୍ଟୋବର ମାସ ୪ ତାରିଖରେ ପାଳନ କରାଯାଇଥାଏ । ଗାନ୍ଧୀ ଜୟନ୍ତୀରୁ ଏହି ବନ୍ୟ ଜନ୍ତୁ ସପ୍ତାହ ପାଳନ କରାଯାଏ । ଭାରତ ବର୍ଷରେ ବିଭିନ୍ନ ରାଜ୍ୟରେ ବନ୍ୟଜନ୍ତୁ ସରଂକ୍ଷଣର ବହୁ ଆଦର୍ଶ କେନ୍ଦ୍ର ରହିଛି । ସେଗୁଡିକ ହେଉଛି ବଳୀପୁର ଅଭୟାରଣ୍ୟ, ଚନ୍ଦ୍ରପ୍ରଭା ଅଭ୍ୟାରଣ୍ୟ, ଗୁଜୁରାଟର ଗିରି ବନଭୂମି, ବଙ୍ଗରାଜ୍ୟର ବଳଦପଡ଼ା ଅଭୟାରଣ୍ୟ, ହିମାଳୟ ନିକଟ ବର୍ତି କର୍ବେଟ୍ ଜାତୀୟ ଉଦ୍ୟାନ, ଦରଚିଗ୍ରାମ ଅଭୟାରଣ୍ୟ, ଜବଲପୁର ଠାରୁ ପ୍ରାୟ ଶହେ ମାଇଲ ଦୂରରେ ଥିବା କହ୍ନା ଜାତୀୟ ଉଦ୍ୟାନ, ଆସାମର କାଜିରଙ୍ଗ ଅଭୟାରଣ୍ୟ, ମାନସ ଅଭୟାରଣ୍ୟ ଭରତପୁରଠାରେ ଥିବା କେଜି ଅଭୟାରଣ୍ୟ, ମାନ୍ଦ୍ରାଜର ମୃଦୁମଲାଇ ଅଭୟାରଣ୍ୟ, ମଧ୍ୟପ୍ରଦେଶରେ ଥିବା ଶିବପୁର ଜାତୀୟ ଉଦ୍ୟାନ, କେରଳରେ ପେରିଅର ଅଭୟାରଣ୍ୟ, ସିରିସ୍ ଅଭୟାରଣ୍ୟ, ମାନ୍ଦ୍ରାଜରେ ଥିବା ବେଦାନ୍ତ ପଶୁପକ୍ଷୀ ଅଭୟାରଣ୍ୟ, ରାଜାଜୀ ଅଭୟାରଣ୍ୟ, ଶିଓଲିକ୍ ଗିରିମାଳାରେ ଅବସ୍ଥିତ ।

ଭାରତର ଅରଣ୍ୟମାନଙ୍କରେ ବିଭିନ୍ନ ପ୍ରକାର ବନ୍ୟ ପଶୁ ଓ ପକ୍ଷୀ ଦେଖାଯାଆନ୍ତି । ସେ ଗୁଡିକ ମଧ୍ୟରେ ସିଂହ, ବାଘ, ହାତୀ, ଭାଲୁ, ଗଣ୍ଡା, ଗୟଳ, ବାରହା, ମାଙ୍କଡ, କୋକିଶିଆଳି, ଗଧିଆ, ବିଲୁଆ, ହରିଣ, ସମ୍ବର, ଚିତାବାଘ ଓ ବିଭିନ୍ନ ଜାତିର ସରୀସୃପ, ସାପ,କୁମ୍ଭୀର , ମୟୂର, ଶୁଆଶାରୀ, ଚିଲ, ଛଂଚାଣ, ପେଚା, କୋଚିଲାଖାଇ ଆଦି ଦେଖାଯାଆନ୍ତି । ପଶ୍ଚିମ ବଙ୍ଗର ସୁନ୍ଦରବନରେ ମହାବଳ ବାଘ ଦେଖାଯାଆନ୍ତି । ହିମାଳୟ ପାଦ ଦେଶାଂଚଳ, ଓଡିଶା, କର୍ଣ୍ଣାଟକ, ମଧ୍ୟପ୍ରଦେଶରେ ହାତୀ ଓ ବାଘ ଦେଖାଯାଆନ୍ତି । ଆସାମ ଓ ବଙ୍ଗର ଅରଣ୍ୟରେ ଗଣ୍ଡା ବାସକରନ୍ତି । ଭାରତୀୟ ଗଣ୍ଡା ଅନ୍ୟଦେଶର ଗଣ୍ଡାଙ୍କ ଠାରୁ ବଡ଼ ହୋଇଥାଆନ୍ତି । ହିମାଳୟ ପାର୍ବତ୍ୟାଂଚଳ(ଆସାମ ନେପାଳ ସୀମା)ରେ ଚମରୀ ଗାଈ ଓ କସ୍ତୁରୀ ମୃଗ ଦେଖିବାକୁ ମିଳେ । ମଧ୍ୟ ପ୍ରଦେଶ, ଓଡ଼ିଶା, ଉତରପ୍ରଦେଶରେ ନୀଳଗାଈ ଦେଖାଯାଆନ୍ତି । ଓଡ଼ିଶାର ସରୀସୃପ ମାନଙ୍କ ମଧ୍ୟରେ ବଉଳା କୁମ୍ଭୀର, ମଗର, ସମୁଦ୍ର କଇଁଛ, ଘଡ଼ିଆଳ କୁମ୍ଭୀର ଓ ଗୋଧି ଆଦି ପ୍ରଧାନ । ଓଡ଼ିଶାରେ ଡାଙ୍ଗମାଳଠାରେ ଏହି ସରୀସୃପମାନଙ୍କ ଅଭୟାରଣ୍ୟ ହୋଇଅଛି ।ଅରଣ୍ୟ ଓ ବନ୍ୟଜନ୍ତୁ ପ୍ରାକୃତିକ ବିଭବ, ସଭ୍ୟତା, ସଂସ୍କୃତିର ସୁରକ୍ଷା ନିମିତ ଜଙ୍ଗଲ ଓ ବନ୍ୟ ପ୍ରାଣୀମାନଙ୍କର ସଂରକ୍ଷଣ ଅତି ଜରୁରୀ ହୋଇପଡିଛି । ସେଥିପାଇଁ ୧୯୮୩ ମସିହାରେ କେନ୍ଦ୍ର ସରକାର 'ନ୍ୟାସନାଲ ୱାଇଲଡ୍ ଆକ୍ସନ ପ୍ଲାନ୍ ' ଯୋଜନା କାର୍ଯ୍ୟକାରୀ କରୁଅଛନ୍ତି । ସରକାରଙ୍କ କଠୋର ଆଇନ ଗତ ପଦକ୍ଷେପ ବନ କର୍ମଚାରୀମାନଙ୍କର ସାଧୁତା ଓ ନିଷ୍ଠାପର କର୍ତବ୍ୟ ପରାୟଣତା ଯୋଗୁ ପ୍ରାକୃତିକ ସମ୍ପଦର ସୁରକ୍ଷା ହୋଇ ପାରିବ ।

ମିଳିମିଶି କଲେ ପ୍ରାଣୀ ସୁରକ୍ଷା
ମନୁଷ୍ୟ ସମାଜ ହୋଇବ ରକ୍ଷା ।

*ପଙ୍କପାଳ, ବଣିକୁନ୍ଦ*
*ଜଗତ୍‌ସିଂହପୁର*
*ମୋ.- ୯୯୩୭୬୯୧୪୭୫*




# ବଲାଙ୍ଗୀର ବିଜେଡି ପକ୍ଷରୁ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମରେ ବିଶାଳ ରାଲି

ବଲାଙ୍ଗିର, (ପି.ଏନ):- ଆଜି ବଲାଙ୍ଗୀର ବିଧାନସଭା ନିର୍ବାଚନମଣ୍ଡଳିର ବିଜୁ ଜନତାଦଳ ପକ୍ଷରୁ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏନେଇ ସହରରେ ଏକ ବିଶାଳ ଶୋଭାଯାତ୍ରା କରାଯାଇ କୋସଳ କଳାମଣ୍ଡଳ ପଡିଆଠାରେ ୫ ହଜାରରୁ ଉର୍ଦ୍ଧ୍ୱ ମହିଳା/ପୁରୁଷଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଗତ ଅକ୍ଟୋବର ୨ ତାରିଖରୁ ବିଜେଡି ପକ୍ଷରୁ ଚାଲିଥିବା ଜନସଂମ୍ପର୍କ ପଦଯାତ୍ରା କରାଯାଇ କର୍ମୀଙ୍କୁ ଯୋଡା ଯାଇଥିବା ବେଳେ ଆଜିର ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମକୁ ବଲାଙ୍ଗୀର ରାଜପରିବାରର ଶକ୍ତିପ୍ରଦର୍ଶନ ବୋଲି କୁହାଯାଉଛି । ଆଉ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା, ଗତ ଗୋଟିଏ ବର୍ଷ ଧରି ନିର୍ବାଚନମଣ୍ଡଳୀରୁ ଦୂରେଇ ରହୁଥିବା ଅର୍କେଶ ନାରାୟଣ ସିଂଦେଓ ଆଜି ଶିଶୁଉଦ୍ୟାନର ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ତାଙ୍କର ପଦଯାତ୍ରା ଆରମ୍ଭ କରିଥିଲେ । ବିଜେଡିର ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ପୂର୍ବତନ ସାଂସଦ ତଥା କଳିକେଶ ନାରାୟଣ ସିଂଦେଓ ସ୍ଥାନୀୟ ବିଜୁପଟ୍ଟନାୟକ ଶିଶୁଉଦ୍ୟାନରୁ ଶୋଭାଯାତ୍ରା ଆରମ୍ଭ କରିଥିଲେ । ଶୋଭାଯାତ୍ରା କୋସଳ କଳା ମଣ୍ଡଳ ପଡିଆଠାରେ ପହଂଚି ଥିଲା । ସେଠାରେ ଜିଲ୍ଲା ବିଜେଡିର କାର୍ଯ୍ୟକାରୀ ସଭାପତି ଅଶୋକ ମହାନ୍ତିଙ୍କ ସଭାପତିତ୍ୱ ଓ ପୂର୍ବତନ କାର୍ଯ୍ୟକାରୀ ସଭାପତି ଭବାନୀଶଙ୍କର ହୋତାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଲାଙ୍ଗୀର ବିଜେଡି ପର୍ଯ୍ୟବେକ୍ଷକ ସୁଶାନ୍ତ ସିଂ ମୁଖ୍ୟଅତିଥି, ବରେଣ୍ୟ ଅତିଥି ଭାବରେ ବରିଷ୍ଠ ନେତା ଅନଙ୍ଗଉଦୟ ସିଂଦେଓ, ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂଦେଓ, ଯୁବନେତା ଅର୍କେଶନାରାୟଣ ସିଂଦେଓ, ମହିଳା ନେତ୍ରୀ ଦମୟନ୍ତି ବାଗ, ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, ବରିଷ୍ଠ ନେତା ଲକ୍ଷ୍ମଣ କୁମାର ମେହେର, ପ୍ରଦ୍ୟୁତ ମିଶ୍ର, କୈଳାଶ ମହାନ୍ତି, ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ବଲାଙ୍ଗୀର ସଦର ବ୍ଲକ ଅଧ୍ୟକ୍ଷ ସରିତା ବାଗ, ପୂର୍ବତନ ଅଧ୍ୟକ୍ଷ ଗୋଲାପ ବାଗ, ଯୁବବିଜେଡି ସଭାପତି ରାଜେନ୍ଦ୍ର ହୋତା, ଛାତ୍ରବିଜେଡିର ସୁମନ ନନ୍ଦ, ଦେଓଗାଁ ବ୍ଲକ ସଭାପତି ସୁଶୀଳ ଚାନ୍ଦ, ବଲାଙ୍ଗୀର ସଦରବ୍ଲକ ସଭାପତି ନୀହାର ବେହେରା, ବଲାଙ୍ଗୀର ନଗର ସଭାପତି ଶମ୍ଭୁ ନାଗ, ଜିଲ୍ଲା କୃଷକ ସଭାପତି ଅଜୟ ଦାସ, ପାଟଣାଗଡର ଯୁବନେତା ଶିବାନନ୍ଦ ପରିଚ୍ଛା, ମୁରିବାହାଲର ହଂସରାଜ ଜୈନ, କଣ୍ଟାବାଞ୍ଜିର ଗିରିରାଜ ସିଂମାଝୀ, ଉଦ୍ଧବ ବେହେରା, ଅଜିତ ଯୋଷୀ, ପୁଇଁତଳା ବ୍ଲକ ଅଧ୍ୟକ୍ଷ ସରୋଜ ପଧାନ, ଲୋଇସିଂହାର ନବକିଶୋର ବେହେରା ପ୍ରମୁଖ ମଂଚାସୀନ ଥିଲେ । ସଭାରେ ମୁଖ୍ୟଅତିଥି ସୁଶାନ୍ତ ସିଂ, ବିଜୁଜନତା ଦଳ ଗଠନ ସମୟରେ ଅନଙ୍ଗଉଦୟଙ୍କ ଭୂମିକା ଓ ମୁଖ୍ୟମନ୍ତ୍ରୀ ନବୀନଙ୍କ ସାଙ୍ଗରେ ତାଙ୍କର ସମ୍ପର୍କ ବିଷୟରେ କହିଥିଲେ ଓ ବିଜେଡି ଅମଳରେ ରାଜ୍ୟ ତଥା ବଲାଙ୍ଗୀର ଜିଲ୍ଲାର ହୋଇଥିବା ବିକାଶ ପ୍ରକଳ୍ପ ଉପରେ କହିଥିଲେ । ଅନଙ୍ଗଉଦୟ ସିଂଦେଓ ତାଙ୍କ ବକ୍ତବ୍ୟରେ ନବୀନ ପଟ୍ଟନାୟକ ଅମଳରେ ହୋଇଥିବା ବିକାଶ ପ୍ରକଳ୍ପ ଉପରେ କହି ବିରୋଧି ଏଥିରେ କେବଳ ଶ୍ରେୟ ନେବାକୁ ଚେଷ୍ଟା କରୁଛନ୍ତି ବୋଲି କହିଥିଲେ । ସେହିପରି ଗତ ୯ ବର୍ଷରେ ବଲାଙ୍ଗୀରକୁ ବିହାର ଭଳି ଅପରାଧିପ୍ରବଣ ଅଂଚଳ କିଏ କରୁଛି ଓ ଜମିମାଫିଆଙ୍କୁ ସହାୟତା କରୁଛି ଜନସାଧାରଣ ଅବଗତ ହେବା କଥା ବୋଲି କହି ବିରୋଧିପକ୍ଷଙ୍କୁ ଟାର୍ଗେଟ କରିଥିଲେ । ସେହିପରି ବରିଷ୍ଠନେତା ଲକ୍ଷ୍ମଣକୁମାର ମେହେର ତାଙ୍କ ବକ୍ତବ୍ୟରେ ସୋନଗଡ ନଦୀରେ ହୋଇଥିବା ୭ଟି ବ୍ରିଜ, ମଠମନ୍ଦିରର ବିକାଶ, ସ୍କୁଲ ଗୁଡିକର ରୂପାନ୍ତରିକରଣ, ରାସ୍ତା ଉନ୍ନତିକରଣ, ମେଡିକାଲ କଲେଜ, ଲୋୟର ସୁକତେଲର ଉଦାହରଣ ଦେଇ ନବୀନ ପଟ୍ଟନାୟକ ଓ ଅନଙ୍ଗଉଦୟ ସିଂଦେଓଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସେ ବିରୋଧିଙ୍କୁ ଟାର୍ଗେଟ କରି କହିଲେ ଯେ, ବଲାଙ୍ଗୀର ବିଧାୟକ କେବଳ ରାଜ ପରିବାର, ବିଡିସିସି ବ୍ୟାଙ୍କ ଓ ଏବେ ପୌରପାଳିକା ବିରୋଧରେ କହି କହି ତାଙ୍କ ସମୟ ଅପଚୟ କରୁଛନ୍ତି । ସେ ବିକାଶ କେତେବେଳେ କଲେ ବୋଲି ପ୍ରଶ୍ନ କରିଛନ୍ତି । ସେହିପରି ଅନ୍ୟ ବକ୍ତାଗଣ ମଧ୍ୟ ତାଙ୍କ ବକ୍ତବ୍ୟରେ ଆଗାମୀ ୨୦୨୪ ନିର୍ବାଚନରେ କଳିକେଶଙ୍କୁ ସାଂସଦ ଓ ଅର୍କେଶଙ୍କୁ ବିଧାୟକ ଭାବରେ ଜିଣାଇବାକୁ କର୍ମୀଙ୍କୁ ଉତ୍ସାହିତ କରିଥିଲେ ।ଏହି ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମରେ ସମ୍ବଲପୁରୀ ଗାୟକ କଳାକାର ଉମାକାନ୍ତ ବାରିକ ଓ ତାଙ୍କ ଟିମ ଦର୍ଶକଙ୍କୁ ନାଚ ଗୀତ କରି ମନୋରଂଜନ କରି ଥିଲେ ।

## ସାନ ମାଣତିଆ ପଂଚାୟତର କ୍ଷେତ ପୋଖରୀ ପରିଦର୍ଶନ କଲେ ନୋଡାଲ ଅଫିସର

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡାର ଜିଲ୍ଲା ସାନ ମାଣତିଆ ପଂଚାୟତରେ କ୍ଷେତ ପୋଖରୀ ଖନନରେ ସଫଳତା ମିଳିଥିବା ଜଣାପଡ଼ିଛି। ଜିଲ୍ଲା ମୃର୍ତିକା ସଂରକ୍ଷଣ ବିଭାଗ ତରଫରୁ ୨୦୨୨-୨୩ ବର୍ଷରେ ୩୩୪ କ୍ଷେତ ପୋଖରୀ ଖନନ କରାଯାଇ ଏକ ରେକର୍ଡ ସୃଷ୍ଟି କରାଯାଇଛି। ଉକ୍ତ କ୍ଷେତ ପୋଖରୀରେ ମତ୍ସ୍ୟ ବିଭାଗ ତରଫରୁ ମାଛ ଯାଆଁଳ ଛଡ଼ା ଯାଇଥିବାବେଳେ ଉଦ୍ୟାନ କୃଷି ବିଭାଗ ତରଫରୁ ପୋଖରୀର ଚାରିପଟେ ଅମୃତଭଣ୍ଡା, ସଜନା, ଲେମ୍ବୁ, କଦଳୀ ଗଛଗୁଡ଼ିକ ଲଗାଯାଇଛି । ପୋଖରୀ ପାଖରେ ଜହ୍ନି, କାକୁଡ଼ି, କଖାରୁ ଗଛ ଲଗାଯାଇଛି । ସାନ ମାଣତିଆ ଗ୍ରାମ ପଂଚାୟତରେ ଥିବା କ୍ଷେତ ପୋଖରୀକୁ ବିଭାଗୀୟ ନୋଡାଲ ଅଧିକାରୀ ଶ୍ରୀମତୀ ପ୍ରଣତୀ ପ୍ରିୟଦର୍ଶନୀ ରାଉତ ପହଁଚି କ୍ଷେତ ପୋଖରୀ ଓ ତା ଚାରିପଟେ ଲଗା ଯାଇଥିବା ଗଛ ଗୁଡିକୁ ଦେଖି ସନ୍ତୋଷ ପ୍ରକାଶ କରିଛନ୍ତି ।

# ପୂର୍ବତନ ମନ୍ତ୍ରୀ ଦୀନବନ୍ଧୁ ସାହୁଙ୍କ ୪୩ତମ ସ୍ମରଣ ଉତ୍ସବ

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡାର ବରପୁତ୍ର, ଓଡିଶାର ପୂର୍ବତନ ଶିକ୍ଷ,କୃଷି ଓ ଆଇନ ମନ୍ତ୍ରୀ, ବିଶିଷ୍ଟ ଆଇନଜୀବି ତଥା ପୂର୍ବତନ ଆଡଭୋକେଟ ଜେନେରାଲ ସ୍ୱର୍ଗତ ଦୀନବନ୍ଧୁ ସାହୁ ଙ୍କ ୪୩ତମ ସ୍ମରଣ ଉତ୍ସବ ପାଳିତ ହୋଇଯାଇଛି । ଜିଲ୍ଲାର ସାମୁହିକ ବିକାଶ ସହ କେନ୍ଦ୍ରାପଡା ମହାବିଦ୍ୟାଳୟର ପ୍ରତିଷ୍ଠା, ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଜଳସେଚନର ସୁବିଧା କରିବା ସହ କେନ୍ଦ୍ରାପଡା ରେ ଶିକ୍ଷାଂଚଳ, ବଳଦେବଜୀଉ ପାଓ୍ୱାରଲୁମ, ବିଚାର ବିଭାଗରେ ନୂତନ କୋର୍ଟ ପ୍ରତିଷ୍ଠା ଓ ଅଗ୍ନିଶମ କେନ୍ଦ୍ର ପ୍ରତିଷ୍ଠା କରିବା ସହ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ସେ କରିଥିଲେ । ସେ ସମୟରେ କୃଷିର ଉନ୍ନତି ପାଇଁ ଜଜାଙ୍ଗ ଠାରେ ଝୋଟ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ସହ କେନ୍ଦ୍ରାପଡାରେ ଇଞ୍ଜିନିଅରିଂ ସ୍କୁଲ ପ୍ରତିଷ୍ଠା କରିଥିଲେ । ପରବର୍ତ୍ତି ସମୟରେ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ସେହି ଇଞ୍ଜିନିଅରିଂ ସ୍କୁଲଟି କେନ୍ଦ୍ରାପଡାରୁ ଅନ୍ୟତ୍ର ଉଠିଯାଇଥିଲା । ପରେ ତାଙ୍କରି ଉଦ୍ୟମରେ ଇଞ୍ଜିନିଅରିଂ ସ୍କୁଲର ସମସ୍ତ କୋଠାବାଡି ଓ ଭୂସମ୍ପତିକୁ କେନ୍ଦ୍ରାପଡା ମହାବିଦ୍ୟାଳୟକୁ ରାଜ୍ୟ ସରକାର ହସ୍ତାନ୍ତର କରିଥିଲେ । ସେ ଓକିଲାତି ଜୀବନରେ ସ୍ୱାଧୀନତା ସଂଗ୍ରାମ ସମୟରେ ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀ ଓ ପ୍ରଜା ଆନ୍ଦୋଳନ ନେତାଙ୍କ ବିରୋଧରେ ହୋଇଥିବା ମିଥ୍ୟା ମୋକଦ୍ଦମାରେ ସେମାନଙ୍କ ପାଇଁ ଅଦାଲତରେ ବିନା ପାରିଶ୍ରମିକରେ ଲଢି ନ୍ୟାୟ ଦେବାରେ ସହାୟକ ହୋଇଥିଲେ ବୋଲି ଶ୍ରାଦ୍ଧୋତ୍ସବ ଅବସରରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ । କେନ୍ଦ୍ରାପଡା ତହସିଲ କାର୍ଯ୍ୟାଳୟ ନିକଟରେ ସ୍ଥାପିତ ସ୍ୱର୍ଗତ ସାହୁଙ୍କ ଆବକ୍ଷ ପ୍ରତିମୂର୍ତିରେ ସାମୁହିକ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇ ଥିଲା । ପୂର୍ବତନ ପୌରାଧ୍ୟକ୍ଷ ଧିରେନ କୁମାର ସାହୁଙ୍କ ଆବାହକତ୍ୱରେ ଏବଂ ପ୍ରାଧାପକ ନନ୍ଦ କିଶୋର ପରିଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଅଧାପକ ଅଜୟ କୁମାର ସାମଲ, ଡଃ. ବାସୁଦେବ ଦାସ, ଧ୍ରୁର୍ବ ଚରଣ ଜେନା, ସାମ୍ବାଦିକ ଆଶିଷ ସେନାପତି, ବଳଦେବ ପ୍ରସାଦ ସାମନ୍ତରାୟ, ରମଣୀରଞ୍ଜନ ରାଉତରାୟ, ପ୍ରଦୀପ ମହାନ୍ତି, ଧିରେନ୍ଦ୍ର କୁମାର ଦାସ, ଦିନେଶରାଜ ସିଂ, ବଂଶିଧର ମହାନ୍ତି, ରେବତୀରମଣ ଦାସ, ହିରଣ୍ୟ କୁମାର ପଣ୍ଡା, ମୁକ୍ତାର ଖାଁ, ବିପଦଭଞ୍ଜନ ଦାସ, ଗୟାଧର ଧଳ, ଶୁକଦେବ ସାହୁ, ଶୁକଦେବ ଦାସ, ଶକ୍ତିକାନ୍ତ ପାତ୍ର, ଶାନ୍ତି ସ୍ୱରୁପ ଭୂୟାଁ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିବା ବେଳେ ସମାଜସେବୀ ରାଜେଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ମଦ ବିକ୍ରିକୁ ବିରୋଧ କରିବାରୁ ମହିଳାଙ୍କୁ ମାଡ଼ ଅଭିଯୋଗ

ମାଲକାନଗିରି, (ପି.ଏନ): ଚୋରାମଦ ବିକ୍ରିକୁ ବିରୋଧ କରିବାରୁ ଏସଏଚଜି ମହିଳାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି । ଏପରି ଏକ ଘଟଣା ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ କିଆଙ୍ଗ ଗ୍ରାମରେ ଦେଖିବାକୁ ମିଳିଛି ।ଘଟଣାରୁ ପ୍ରକାଶ, ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ଶିକ୍ଷକତା କରୁଛନ୍ତି ବୋଲି ମହିଳାମାନେ କହିଛନ୍ତି । ଉକ୍ତ ଗାଁ ଘାଟି ଉପରେ ଥିବାରୁ ସେ କେବେ ମଧ୍ୟ ବିଦ୍ୟାଳୟକୁ ଯାଉ ନ ଥିବା ଅଭିଯୋଗ ହୋଇଛି । ବିଦ୍ୟାଳୟକୁ ନ ଯାଇ ସେ ଗ୍ରାମରେ ଚୋରାମଦ ବିକ୍ରି କରୁଥିବା ଅଭିଯୋଗ ହେଉଛି । ମାଥିଲି ଅବକାରୀ ବିଭାଗ ନିକଟକୁ ଗ୍ରାମବାସୀ ବାରମ୍ବାର ଯାଇ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ବି ଅଭିଯୋଗ ଆସିଛି । ଆଗକୁ ପାର୍ବଣ ଋତୁ ଆସୁଥିବାରୁ ସେହି ଗ୍ରାମ ତଥା ପଂଚାୟତର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦୁଇଦିନ ପୂର୍ବେ ଏ ସମ୍ପର୍କରେ ମାଥିଲି ଥାନାରେ ଜଣାଇଥିଲେ । କିନ୍ତୁ, କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗତକାଲି ସମସ୍ତ ମହିଳା ଏକଜୁଟ ହୋଇ ପଂଚାୟରେ ମଦ ବନ୍ଦ ପାଇଁ ଏକ ଶୋଭାଯାତ୍ରା କରିଥିଲେ । ମହିଳାମାନେ ଶୋଭାଯାତ୍ରାରେ ଆସି ମଦ ବନ୍ଦ କରିବାକୁ ବିଭିନ୍ନ ନାରାବାଜି ଦେଇଥିଲେ । କିନ୍ତୁ, ସଂପୃକ୍ତ ବ୍ୟକ୍ତି ମହିଳାଙ୍କ ସହ ଯୁକ୍ତିତର୍କ କରିଥିଲେ । ସେ ଏସଏଚଜି ମହିଳାମାନଙ୍କୁ ଧକ୍କା ମାରିଥିବା ଅଭିଯୋଗ ହୋଇଛି । ଏ ନେଇ ମହିଳାମାନେ ମାଥିଲି ଥାନାରେ ଏକ ଏତଲା ଦେଇଛନ୍ତି ।ଏ ସମ୍ପର୍କରେ ମାଥିଲି ଥାନା ଅଧିକାରୀ ଦେବଦତ ମଲ୍ଲିକଙ୍କୁ ପଚାରିବାରୁ ଗତକାଲି ମହିଳା ମାନେ ଆସି ଏତଲା ଦେଇଥିବା କହିଛନ୍ତି । ଏତଲା ଆଧାରରେ କେସ ନମ୍ବର ୨୧୧/୨୩ ରେ ଏକ ମାମଲା ରୁଜୁ ହୋଇଛି । ଥାନାର ଗୋଟିଏ ଟିମ୍ ତଦନ୍ତ କରିବା ନିମନ୍ତେ କିଆଙ୍ଗ ଯାଇଛନ୍ତି । ସେମାନେ ତଦନ୍ତ କରି ଫେରିବା ପରେ ଦୋଷୀକୁ ନିୟମାନୁଯାୟୀ ଉଚିତ୍ ଦଣ୍ଡ ବିଧାନ କରାଯିବ ବୋଲି ମାଥିଲି ଥାନା ଅଧିକାରି ଶ୍ରୀ ମଲ୍ଲିକ ପ୍ରକାଶ କରିଛନ୍ତି । ଅପରପକ୍ଷରେ ଉକ୍ତ ବ୍ୟକ୍ତିଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ରତ୍ନାକର ନୋଡାଲ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟରରେ ଖେଳନା ତିଆରି କର୍ମଶାଳା

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ମଣ୍ଡଳ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଆମ ସଂସ୍କୃତି ଆମ ଖେଳନାର କାର୍ଯ୍ୟକ୍ରମ ସ୍ୱରୂପ ସରକାରଙ୍କ ଯୋଜନା ଅନୁଯାଇ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ରତ୍ନାକର ନୋଡାଲ ଉଚ୍ଚ ବିଦ୍ୟାଳୟ ଆଲିକ ସାଧନକେନ୍ଦ୍ର ସଂଯୋଜକ ଅନନ୍ତ କୁମାର ପରିଡାଙ୍କ ତତ୍ତ୍ୱାବଧାନରେ ନାରାୟଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତିନି ଦିନ ଧରି ଖେଳନା ତିଆରି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଅଞ୍ଜନା ସ୍ୱାଇଁ ଉଦଘାଟନ କରି ଆମ ସଂସ୍କୃତିର ପୁନରୁଦ୍ଧାର ପାଇଁ ବିଦ୍ୟାଳୟ ସ୍ତରରେ ଆୟୋଜିତ କାର୍ଯ୍ୟକ୍ରମ ବେଶ ଫଳପ୍ରଦ ହେବ ଏବଂ ପିଲାମାନଙ୍କ ପାଇଁ ଶିକ୍ଷାଦାନରେ ଏହା ଉପଯୋଗୀ ହେବ ବୋଲି ମତବ୍ୟକ୍ତ କରିଥିଲେ । ମଣ୍ଡଳ ସାଧନକେନ୍ଦ୍ର ସଂଯୋଜକ କୁମୁଦିନି ଦେଇ ଏହି କାର୍ଯ୍ୟକ୍ରମକୁ ତଦାରଖ କରିବା ପାଇଁ ପହଂଚି ଖେଳନାର ପାଠପଢା କ୍ଷେତ୍ରରେ ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ । ଉଦଯାପନୀ ଉତ୍ସବରେ ମଣ୍ଡଳ ଶିକ୍ଷାଧିକାରୀ ପାବନି କୁମାର ରାଉତ ଏବଂ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷୟିତ୍ରୀ ସୁନିତା ବେହେରା ଅତିଥି ଭାବେ ଯୋଗଦେଇଥିଲେ । ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀ ରାଉତ ଆମ ସଂସ୍କୃତିର ପୁନରୁଦ୍ଧାର ଏବଂ ସମାଜ ପାଇଁ ଏହାର ଆବଶ୍ୟକତା ସମ୍ପର୍କରେ ଅନେକ ଉପାଦେୟ ବକ୍ତବ୍ୟ ସହ ପିଲାମାନଙ୍କ ପାଇଁ ଆନନ୍ଦମୟ ଶିକ୍ଷାର ଏହା ଏକ ଅଂଶ ବିଶେଷ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସମ୍ବଳବ୍ୟକ୍ତି ଯୋଗ ଦେଇଥିଲେ । ନାରାୟଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାବୁରୀ ଚରଣ ବେହେରା ଏବଂ ତାଙ୍କ ସହକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହାୟତାରେ କାର୍ଯ୍ୟକ୍ରମଟି ସମ୍ପନ୍ନ ହୋଇଥିଲା । ଶେଷରେ ଆଂଚଳିକ ସାଧନକେନ୍ଦ୍ରର ସଂଯୋଜକ ଅନନ୍ତ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ସାଇବର ଠକାମୀରୁ ବର୍ତିବା ନେଇ ବିଭିନ୍ନ ସ୍ଥାନରେ ଜନ ସଚେତନତା ଶୋଭାଯାତ୍ରା

ସୁବର୍ଣ୍ଣପୁର,(ପି.ଏନ): ସାଇବର ଠକାମୀରୁ ବର୍ତିବା ନେଇ ବିଗତ କିଛି ଦିନ ହେବ ସୁବର୍ଣ୍ଣପୁର ପୋଲିସ୍ ବ୍ୟାପକ ସଚେତନତା କାର୍ଯ୍ୟକ୍ରମକୁ ହାତକୁ ନେଇଛି । ଆଜି ଜିଲ୍ଲାର ତରଭା ସହରର ବାଳକ ହାଇସ୍କୁଲ ଓ କଲେଜ ଠାରେ ଓ ବ୍ଲକର ବିଭିନ୍ନ ଗାଁ ରେ ସାଇବର ରଥ ଦ୍ୱାରା ସ୍କୁଲ କଲେଜ ଛାତ୍ର ଛାତ୍ରୀଙ୍କୁ ସାଧାରଣ ଜନତାଙ୍କୁ ବ୍ୟାପକ ଜନ ସଚେତନତା କରୁଥିବା ବେଳେ ଏହି କାର୍ଯ୍ୟକ୍ରମରେ ଥାନା ଭାରପ୍ରାପ୍ତ ଅଧିକାରୀ ଅନିତା କିଡୋ, ଏସଆଇ ଆରତୀ କଅଁର, ମେଣ୍ଡା ଓ କମସରା ଫାଣ୍ଡି ଅଧିକାରୀ ଉପସ୍ଥିତ ଥିଲେ । ସେହିପରି ଗତ ଗୁରୁବାର ଏହି ପରିପ୍ରେକ୍ଷୀରେ ଉଲୁଣ୍ଡା ପଂଚାୟତ କଲେଜର ଉଲୁଣ୍ଡା ଥାନା ଅଧିକାରୀ ପଂଚାନନ ନାଏକଙ୍କ ପୋରୋହିତ୍ୟରେ ଏକ ସଚେତନତା କାର୍ଯକ୍ରମରେ କଲେଜର ଅଧ୍ୟକ୍ଷ ଡକ୍ଟର ପାଣ୍ଡିଆ ସାଇବର ସଚେତନତା କାର୍ଯ୍ୟକ୍ରମକୁ ଉଚ୍ଚକୋଟୀର ପ୍ରଶଂସା କରିଥିଲେ । ପୂର୍ବ ଦିନ ବିନିକା ପୁଲିସ ତରଫରୁ ବ୍ୟାପକ ଭାବରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ପରିପ୍ରେକ୍ଷିରେ ଜିଲ୍ଲାର କୋଣ ଅନୁକୋଣରେ ବୁଲୁଥିବା ସାଇବର ସୁରକ୍ଷା ଅଭିଯାନ ରଥକୁ ଭୂୟସି ପ୍ରଶଂସା ସହିତ ରାଜ୍ୟ ସରକାର ତଥା ପୋଲିସ ବିଭାଗକୁ ଧନ୍ୟବାଦ୍ ଦେଇଥିଲେ । ସେହିପରି ଗତକାଲି ଲଛିପୁର ଅନ୍ତର୍ଗତ ପଂଚାୟତ କଲେଜ ଲଛିପୁରରେ ଡ଼ିଏସପି ଚନ୍ଦ୍ରଶେଖର ଶବର ଯୋଗଦେଇ କଲେଜର ଛାତ୍ର ଛାତ୍ରୀଙ୍କୁ ସାଇବର ଠକଙ୍କ ଶିକାର ହେଲେ ୧୯୩୦ କୁ ତୁରନ୍ତ ଯୋଗାଯୋଗ କରି ତାହାକୁ ଉଚିତ୍ ଜବାବ ଦେବାକୁ ଉପଦେଶ ଦେଇଥିଲେ ଓ ଅପରାହ୍ନରେ ଭୀମ ଭୋଇ ଆଶ୍ରମ ସ୍କୁଲ୍ ଖଲିଆପାଲିରେ ସାଇବର ସଚେତନତା କୁଇଜ୍ କାର୍ଯକ୍ରମ ଅନୁଷ୍ଠିତ କରାଯାଇ ପ୍ରତିଭାଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଉଲୁଣ୍ଡା ଠାରେ ଆଇଆଇସି ପଂଚାନନ ନାଏକ, ଏସଆଇ ସରୋଜ ପାଣିଗ୍ରାହି, ଲଛିପୁର ଠାରେ ଆଇଆଇସି ସୋଭାକର ସେଠୀ ପ୍ରମୁଖ ସଂଯୋଜନା କରିଥିବା ବେଳେ ହାବିଲଦାର ମନୋଜ୍ ପଣ୍ଡା ମଂଚ ପରିଚାଳନା କରିଥିଲେ ।ଏହି କାର୍ଯ୍ୟକ୍ରମରେ ଅଙ୍ଗନଓ୍ୱାଡ଼ି ଦିଦି ଆଶା ତଥା ମିଶନ ଶକ୍ତି ମା ମାନେ ଉଲୁଣ୍ଡା, ବିନିକା, ଲଛି ପୁର ଓ ତରଭାର ଥାନାର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ । ଆସନ୍ତା କାଲି ସୁବର୍ଣ୍ଣପୁର ସହରରେ ଜିଲ୍ଲା ପୋଲିସ ପକ୍ଷରୁ ସ୍କୁଲ, କଲେଜ, ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କୁ ନେଇ ସାଇବର ସୁରକ୍ଷା ସଚେତନତା ଉପରେ ଏକ ମାରାଥନ କାର୍ଯ୍ୟକ୍ରମର ଆୟୋଜନ ହେବାକୁ ଥିବା ସୂଚନା ମିଳିଛି ।


MAHARISHI PUBLIC SCHOOL
ବା ଵିଦ୍ୟା ବିମୁକ୍ତୟେ



2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Sunday October 08, 2023 ଭୁବନେଶ୍ୱର ରବିବାର, ଅକ୍ଟୋବର ୦୮,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ପଞ୍ଚାୟତ ନିକଟରୁ ମଦଦୋକାନ ଉଚ୍ଛେଦ ଦାବି ଜୋର ଜୋର ଧରିଲା

କୁକୁଡାଖଣ୍ଡି,ଇପିଲି ପୂର୍ଣ୍ଣଚନ୍ଦ୍ର, (ପି.ଏନ):କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଗୋଳନ୍ଥରା ଥାନା ଅଧିନସ୍ଥ ଶିହଳା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ଏକ ଲାଇସେନ୍ସ ପ୍ରାପ୍ତ ଦେଶୀ ମଦ ଦୋକାନକୁ ଉଚ୍ଛେଦ କରିବା ଦାବିରେ ଗ୍ରାମର ମହିଳା ଗୋଷ୍ଠି ଏକତ୍ରିତ ହୋଇଛନ୍ତି । ଉକ୍ତ ସ୍ଥାନରେ ଦୀର୍ଘ ବର୍ଷରୁ ଧରି ମଦ ଦୋକାନଟି ରହିଛି। ପୂର୍ବରୁ ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବା ସହ ବାରମ୍ବାର ଅବଗତ କରାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ କ୍ଷଉକ୍ତ ମଦ ଦୋକାନ ରାସ୍ତା ଦେଇ ଛାତ୍ର ଛାତ୍ରୀ ମାନେ ପ୍ରତିଦିନ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ଯିବା ଆସିବା କରିଥାନ୍ତି କ୍ଷଏବଂ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ଆସିବା କରୁଥିବା ସାଧାରଣ ମହିଳା, ଝିଅ ଓ ବୋହୁଙ୍କ ସମେତ



ସ୍ଥାନୀୟ ଜନସାଧାରଣ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ମଦ୍ୟପ ମାନେ ମଦ୍ୟପାନ କରି ଖାଲି ପଲିଥିନ ଜରିକୁ ରାସ୍ତାରେ ଫୋପାଡି ଦିଅନ୍ତି । ଫଳରେ ସ୍ଥାନୀୟ ଅଞ୍ଚଳରେ ପରିବେଶ ପ୍ରଦୂଷିତ ହେବା ସହ ମଦ ଗନ୍ଧରେ ନାକ ଫାଟିଯାଉଛି ।ଫଳରେ ଏହାକୁ ବିରୋଧ କରି ମଦ ଦୋକାନକୁ ଉଚ୍ଛେଦ କରିବା ପାଇଁ ଶୁକ୍ରବାର ଦିନ ଗ୍ରାମର କିଛି ମହିଳା,ଅଙ୍ଗନବାଡି କର୍ମୀ ଓ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଏକତ୍ରିତ ଉକ୍ତ ମଦ ଦୋକାନକୁ ସ୍ଥାନାନ୍ତର କରିବା ପାଇଁ ଦାବି କରିଛନ୍ତି। ଯଦି ଉକ୍ତ ଦୋକାନ ଟି ସେଠାରୁ ସ୍ଥାନାନ୍ତରିତ ନକରାଯାଏ ତେବେ ଆଗାମୀ ଦିନରେ ଏକ ବଡ଼ ଧରଣର ଆନ୍ଦୋଳନ କରାଯିବକୁ ମହିଳା ମାନେ ଚେତାବନୀ ଦେଇଛନ୍ତି ।

## ପୁରୀ ଜିଲ୍ଲାରେ ୨୨ ନକଲି ଚାଷୀ ଚିହ୍ନଟ

ନିମାପଡ଼ା,(ପି. ଏନ) ଖରିଫ ଧାନ ପଞ୍ଜିକରଣ ର ପ୍ରାଥମିକ ଯାଞ୍ଚ ପରେ ରାଜ୍ୟ ସରକାର ପୁରୀ ଜିଲ୍ଲାର ୨୨ ଜଣ ନକଲି ଚାଷୀଙ୍କୁ ଚିହ୍ନଟ କରିଛନ୍ତି ।୨୦୨୩-୨୪ ଖରିଫ ଋତୁ ରେ ଧାନ ବିକିବାକୁ ରାଜ୍ୟର ୩୦ ଟି ଜିଲ୍ଲା ରେ ଚାଷୀମାନେ ବିଭିନ୍ନ ସେବା ସମବାୟ ସମିତି ମାଧମରେ ଅନଲାଇନ ପଞ୍ଜିକରଣ କରିଥିଲେ ।ଗତ ୧ ମାସ ରୁ ଅଧିକ ସମୟ ଧରି ଏହାର ଯାଞ୍ଚ କରାଯାଇଥିଲା ।ପ୍ରାଥମିକ କୃଷି ସମବାୟ ସମିତି( ପାକ୍ସ ) ପକ୍ଷରୁ ଗ୍ରହଣ କରାଯାଇଥିବା ଆବେଦନକୁ ଯାଞ୍ଚ କରିବାକୁ ଡେପୁଟି ରେଜିଷ୍ଟାର କୋ-ଅପରେଟିଭ ସୋସାଇଟି ( ଡି ଆର ସି ଏସ ) ଏବଂ ଆସିଷ୍ଟାଣ୍ଟ ରେଜିଷ୍ଟାର କୋ- ଅପରେଟିଭ ସୋସାଇଟି(ଏ ଆର ସି ଏସ ) କୁ ପଠାଯାଇଥିଲା। ତଥ୍ୟ ଅନୁଯାୟୀ ପୁରୀ ଜିଲ୍ଲାରେ ୨୨ ଜଣ ନକଲି ଚାଷୀ ଚିହ୍ନଟ ହୋଇଛନ୍ତି ।

# ବଡ଼ ଭାବିବା ଏବଂ ସମାଜର ଆକାଂକ୍ଷା ପୂରଣ କରିବାର ଲକ୍ଷ୍ୟ ନେଇ ଆଗକୁ ବଢ଼ିବା : ଧର୍ମେନ୍ଦ୍ର ପ୍ରଧାନ

ପୁଣେ,(ପି.ଏନ): ଦେଶର ପ୍ରତିଭାସମ୍ପନ୍ନ ଯୁବଶକ୍ତିଙ୍କ ପାଇଁ ଆସନ୍ତା ୨୫ ବର୍ଷ ଅମୃତ କାଳ ମଧ୍ୟରେ ଭାରତ ସବୁଠାରୁ ଅଧିକ ହାପେନିଂ ପ୍ଲେସ ହେବା ପାଇଁ ଯାଉଛି । ତେଣୁ ବଡ଼ ଭାବିବା ସହ ସମାଜର ଆକାଂକ୍ଷା ତଥା ବିଶ୍ୱର ଦାୟିତ୍ୱ ପୂରଣ କରିବାର ଲକ୍ଷ୍ୟ ନେଇ ଆଗକୁ ବଢ଼ିବାକୁ ଶନିବାର ପୁଣେ ସ୍ଥିତ ଗୋଖଲେ ଇନଷ୍ଟିଚ୍ୟୁଟ୍ ଅଫ୍ ପଲିଟିକ୍ସ ଆଣ୍ଡ୍ ଇକୋନୋମିକ୍ସ (ଜିଆଇ)ର ୨୯ତମ ସମାବର୍ତ୍ତନ ସମାରୋହରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ ଶ୍ରୀ ପ୍ରଧାନ ଡିଗ୍ରୀ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଦକ୍ଷତା ଓ ଲାଇଫ୍ ସ୍କିଲ୍ ବିକାଶ ଉପରେ ଗୁରୁତ୍ୱ ଦେବାକୁ ପ୍ରୋତ୍ସାହିତ କରିଥିଲେ । ସେ କହିଛନ୍ତି ଏକବିଂଶ ଶତାବ୍ଦୀ ଏକ ଜ୍ଞାନ ଆଧାରିତ ସମାଜ ହେବାକୁ ଯାଉଛି । ଏଥିରେ ବିକାଶ, ଅଭିବୃଦ୍ଧି, ଅର୍ଥନୀତି ଏବଂ ସମାଜର ମୂଳ ଉତ୍ସ ହେବ ଜ୍ଞାନ । ଭାରତୀୟଙ୍କ ଉପରେ ଏବେ ବିଶ୍ୱର ଦାୟିତ୍ୱ ରହିଛି ଏବଂ ସେମାନଙ୍କ ଦୂରଦୃଷ୍ଟି ଓ କାର୍ଯ୍ୟ ସମଗ୍ର ବିଶ୍ୱ ପାଇଁ ରହିବା ଉଚିତ୍ ବୋଲି କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ ପ୍ରଧାନ ଭାରତୀୟ ସମ୍ବିଧାନ ପ୍ରଣୟନ ସମୟରେ ଏହି ଶିକ୍ଷାଅନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଅବଦାନ ଏବଂ ସ୍ୱାଧୀନତା ପରବର୍ତ୍ତୀ ଅନେକ ଗୁରୁତ୍ୱପୂର୍ଣ୍ଣ ନୀତିଗତ ନିଷ୍ପତ୍ତି ଉପରେ ଆଲୋକପାତ କରିଥିଲେ । ଏହା ପରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସାବିତ୍ରୀବାଇ ଫୁଲେ ବିଶ୍ୱବିଦ୍ୟାଳୟରେ ଆୟୋଜିତ 'ବିଦ୍ୟାର୍ଥୀ ସମ୍ମାନ ସମାରୋହ'ରେ ଯୋଗଦେଇଥିଲେ । ଶ୍ରୀ ପ୍ରଧାନ ପୁଣେ ସହରର ମହତ୍ୱ ଉପରେ ଆଲୋଚନା କରିବା ସହ କହିଥିଲେ ସାବିତ୍ରୀବାଇ ଫୁଲେ ପୁଣେ ବିଦ୍ୟାପୀଠ ମନକୁ ପ୍ରଭାବିତ କରିବାର ବିଶ୍ୱବିଦ୍ୟାଳୟ । ଭାରତୀୟ ସଭ୍ୟତାକୁ ଦିଗଦର୍ଶନ ଦେବାରେ ପୁଣେର ଅଗ୍ରଣୀ ଭୂମିକା ରହିଥିବା ବେଳେ ଏହାର ପେଣ୍ଠସ୍ଥଳୀ ଥିଲା ଏହି ବିଶ୍ୱବିଦ୍ୟାଳୟ । ସମାଜରେ କ୍ରାନ୍ତି ସ୍ଥାପିତ କରୁଥିବା ପୁଣେ ବିଦ୍ୟାପୀଠର ମହାପୁରୁଷଙ୍କ ସମ୍ମାନ ସମାରୋହରେ ସାମିଲ ହେବା ମୋ ପାଇଁ ସୌଭାଗ୍ୟର ବିଷୟ । ଶିକ୍ଷା, ଶିକ୍ଷାନୁଷ୍ଠାନ, ନୀତି ସଂସ୍କାରକଙ୍କୁ ଏକ ସଙ୍ଗରେ ଆଣି ଭାରତକୁ ଏକବିଂଶ ଶତାବ୍ଦୀର ଜ୍ଞାନ ଆଧାରିତ ମହାଶକ୍ତି ଭାବରେ ଏହି ଅନୁଷ୍ଠାନ ପରିଣତ କରିବା ଉଦ୍ୟମ ପ୍ରଶଂସନୀୟ । ଆଜି ଭାରତ ନେତୃତ୍ୱ ଆଧାରିତ ମଡେଲରୁ ଉଭା ହେଉଥିବା ଅର୍ଥନୀତିକୁ ବହୁତ ଅପେକ୍ଷା ରହିଛି । ପୁଣେରେ ଏହି ଅପେକ୍ଷାକୁ ପୂରଣ କରିବାର ସାମର୍ଥ୍ୟ ରହିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

# ସରପଞ୍ଚ ଓ ଗ୍ରାମବାସୀଙ୍କ ଉଦ୍ୟମକ୍ରମେ ରାସ୍ତା ମରାମତି କାର୍ଯ୍ୟ ହେଲା ସମ୍ଭବ

ଗୋଲାମୁଣ୍ଡା (ପି.ଏନ୍): ଯେଉଁଠି ପ୍ରଶାସନ ଅସହାୟ ପାଲଟିଲା ସେଇଠି ଦମ୍ ଦେଖାଇଛନ୍ତି ସରପଞ୍ଚ ଓ ଗ୍ରାମବାସୀ । ସରପଞ୍ଚଙ୍କ ସାହାଯ୍ୟ ଓ ଗ୍ରାମବାସୀଙ୍କ ଶ୍ରମଦାନ ଫଳରେ ଦୀର୍ଘଦିନର ସମସ୍ୟାରୁ ମୁକ୍ତି ପାଇଛନ୍ତି ଜନ ସାଧାରଣ । ଘଟଣାଟି ହେଉଛି ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଚିଚିଆ ଗ୍ରାମ ପଞ୍ଚାୟତର ସାରସଗୁଡା ଗ୍ରାମର । ଦୀର୍ଘଦିନରୁ ଚିଚିଆ ଏବଂ ପଣ୍ଡକୁଲ କୁ ସଂଯୋଗ କରୁଥିବା ସାରସଗୁଡା ବସ୍ତି ରାସ୍ତା ସ୍ଥିତି ଅତ୍ୟନ୍ତ ଖରାପ ଥିଲା ଏବଂ ବର୍ଷାଦିନେ ରାସ୍ତାର ଖାଲଖମାରେ ପାଣି ଜମିବା ଯୋଗୁ ବାଟ ଚାଲିବା ଅତ୍ୟନ୍ତ କଷ୍ଟକର ଓ ବିପଦପୂର୍ଣ୍ଣ ଥିଲା । ଏହି ରାସ୍ତା ସମସ୍ୟା ବିଷୟରେ ବିଭିନ୍ନ ଖବରକାଗଜରେ ଖବର ପ୍ରସାରଣ ହୋଇଥିଲା । ତା ସହିତ ରାସ୍ତାର ମରାମତି ନିମନ୍ତେ ଅଞ୍ଚଳବାସୀ ପଞ୍ଚାୟତ ଠାରୁ ଆରମ୍ଭକରି ବ୍ଲକ ପ୍ରଶାସନ ନିକଟରେ



ବାରମ୍ବାର ଫେରାଦ ଦେଲା ପରେ ମଧ କୌଣସି ସୁଫଳ ମିଳିନଥିଲା । ଶେଷରେ ଲୋକଙ୍କ ସୁବିଧା ନିମନ୍ତେ ସ୍ଥାନୀୟ ସରପଞ୍ଚ ଶ୍ରୀଯୁକ୍ତ ମଦନ ପଟେଲ ନିଜେ ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ ପାଇଁ ମୋରୁମ ଯୋଗାଇଦେଇଥିବା ବେଳେ ଗ୍ରାମବାସୀ ଶ୍ରମଦାନ ଦେଇ ରାସ୍ତା ମରାମତି କାର୍ଯ୍ୟ ସଫଳ କରଥିଲେ । ସରପଞ୍ଚଙ୍କ ଏଭଳି କାର୍ଯ୍ୟ ବର୍ତ୍ତମାନ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିବା ସହ ଅନେକ ଲୋକଙ୍କ ପ୍ରଶଂସା ସାଉଁଟୁଛି ।

# ପୁରୀ ସହରରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ସରୁନି ଦିନ ଗଡୁଛି

ପୁରୀ,(ପି.ଏନ): ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହର କରିବା ପାଇଁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ବର୍ଷ ବର୍ଷ ଧରି ଚାଲୁଥିଲେ ମଧ୍ୟ ତାହା ଶେଷ ହୋଇପାରୁ ନାହିଁ । ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଦୀର୍ଘ ୫ ବର୍ଷ ଧରି ଖୋଳା ତଡ଼ା ଭଙ୍ଗା ଭଙ୍ଗି ଓ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଏମାରମଠ ଭାଙ୍ଗି ଯିବା ପରେ ତାର ଐତିହ୍ୟ ସ୍ମୃତି ସେହି ଡ଼ିଜାଇନର ମଠ ଗୃହ ଓ ରଘୁନନ୍ଦନ ଲାଇବ୍ରେରୀ ନିର୍ମାଣ ହୋଇପାରି ନାହିଁ । ମନ୍ଦିର ଚାରିପଟୁ କାରୁକାର୍ଯ୍ୟ ପୂର୍ଣ୍ଣ ମଠ ଗୁଡ଼ିକ ଭାଙ୍ଗି ଦିଆଯାଇଥିଲେ ମଧ ସେହି ଅନୁରୂପ ମଠ ନିର୍ମାଣ ହୋଇ ପାରିନାହିଁ । ଶ୍ରୀସେତୁ କାର୍ଯ୍ୟ ସରିବ ସରିବ ବୋଲି ଶେଷ ହୋଇ ପାରୁନାହିଁ । ବେଳାଭୂମି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କଚ୍ଛପ ଗତିରେ ଚାଲିଛି । ମାଟିଆପଡ଼ା ଓଭରବ୍ରିଜ୍ କାର୍ଯ୍ୟ ୫ ବର୍ଷ ଧରି ମାପଚୁପ, କ୍ଷତିପୂରଣ, ଘର ଭଙ୍ଗା ଓ ଏବେ ଡ୍ରେନେଜ ଓ ସ୍ୱରେଜ କାର୍ଯ୍ୟ ଶେଷ ହୋଇ ପାରିନାହିଁ । ସେହି ଅଂଚଳର ଲୋକମାନେ ଓଭରବ୍ରିଜ୍ ସ୍ୱପ୍ନ ଦେଖି ଦେଖି ୫ ବର୍ଷ ବିତିଗଲାଣି । ସିଂହଦ୍ୱାର ଓ ବଡ଼ଦାଣ୍ଡରୁ ଉଚ୍ଛେଦ ହୋଇଥିବା ଦୋକାନି ମାନଙ୍କୁ ୩ଟି ମାର୍କେଟ କମ୍ପ୍ଲେକ୍ସରେ ଦୋକାନ ଗୃହ ଆବଂଟନ କାର୍ଯ୍ୟ ଶେଷ ହୋଇ ପାରିନାହିଁ । ନରେନ୍ଦ୍ର, ଇନ୍ଦ୍ରଦ୍ୟୁମ୍ନ, ମାର୍କଣ୍ଡ ଓ ଶ୍ୱେତଗଙ୍ଗା ପୁଷ୍କରଣୀ ଗୁଡ଼ିକ ଉନ୍ନତି କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ି ରହିଛି । ପାର୍ବଣ ଋତୁ ଚାଲିଥିଲେ ମଧ ସାହି ଗଳିକନ୍ଦି ରାସ୍ତା ଗୁଡ଼ିକ ଫ୍ଲେବର ଇଟା ବିଛାଡ଼ିବା କାର୍ଯ୍ୟ ଶେଷ ହୋଇ ପାରିନାହିଁ । ଭୂଦାନ ଛକରେ ନିର୍ମାଣାଧୀନ ମାଛ ମାର୍କେଟ କାର୍ଯ୍ୟ ଶେଷ ହୋଇ ପାରିନାହିଁ । ହୁଲୁହୁଲିଆ ପୋଲ ଠାରୁ ଅଠରନଳା ଦେଇ ମଙ୍ଗଳାନଦୀ ପର୍ଯ୍ୟନ୍ତ ମୂଷା ନଦୀ ଖନନ, ଉନ୍ନତିକରଣ, ନଦୀ ବନ୍ଧ ନିର୍ମାଣ, ଦଳ ସଫେଇ ଓ ଜବରଦଖଲ କାର୍ଯ୍ୟ ଦୀର୍ଘ ୧୧ ବର୍ଷ ଧରି ଜାରି ରହିଛି । ଜଗନ୍ନାଥ ବଲ୍ଲଭରେ ନିର୍ମାଣାଧୀନ ଅନେକ ପ୍ରକଳ୍ପ ଅଧା ନିର୍ମାଣ ହୋଇ ପଡ଼ି ରହିଛି । ମଝିରେ ମଝିରେ ଜାନୁଆରୀରେ ଶେଷ ହେବ, ଡ଼ିସେମ୍ବରରେ ଶେଷ ହେବ, ରଥଯାତ୍ରା ପରେ ଶେଷ ହେବ ଏଭଳି ପ୍ରତିଶୃତି ପରେ ପ୍ରତିଶୃତି ଦେଇ ପ୍ରଶାସନ ଦିନ ଗଡ଼ାଉଥିବା ଲୋକମାନେ ଅଭିଯୋଗ କରିଛନ୍ତି ।

# ମୌଳିକ ସୁବିଧାରୁ ବଞ୍ଚିତ କବାଟବନ୍ଧ ବଜାର ବ୍ୟାବସାୟୀ

ଜେନାପୁର,(ପି.ଏନ୍) ପୂର୍ଣ୍ଣଦୟା ବ୍ରାହ୍ମଣୀ ନଦୀ ପାଦ ଦେଶରେ ଗଢିଉଠିଥିବା ଦୀର୍ଘ ୧୯୬୦ ମସିହାରୁ ଆରମ୍ଭ ହୋଇଥିବା ବଜାରଟି ୭ଟି ଦୋକାନ ନେଇ ବ୍ୟାବସାୟିମାନେ ଆରମ୍ଭ କରିଥିଲେ ।ଏହି ବଜାରକୁ ଜଗନ୍ନାଥ ବଜାର ନାମରେ ନାମିତ କରାଯାଇଥିଲା । ଏହି ସ୍ଥାନଟି ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ କବାଟବନ୍ଧ ପଞ୍ଚାୟତ ଅଧିନସ୍ଥ ନାକପୋଲ୍ ରୁ ଢେଙ୍କାନାଳ ବାଟଦେଇ ଗଲେ ମଝିରେ ପଡେ କବାଟବନ୍ଧ ଗାଁ ଏବଂ ଚଣ୍ଡିଖୋଲ୍ ୫୩ ନମ୍ବର ରାଜ ପଥ ଡୁବୁରୀ ଅଭିମୁଖିଯେ ଗଲେ ମଝିରେ ପଡେ ବ୍ରାହ୍ମଣୀ ସେତୁ ନିକଟସ୍ଥ ପୂର୍ବ କୁ ଗଲେ ଏହି ଗାଁଟି ଅବସ୍ଥିତ । କହିବାକୁ ଗଲେ କବାଟବନ୍ଧ ଗାଁଟି ମଧ୍ୟମ ସ୍ଥାନରେ ଥିବାରୁ ବ୍ୟାବସାୟିକମାନଙ୍କ ପେଣ୍ଠସ୍ଥଳୀକୁ ବୁଝାଏ । ବର୍ତ୍ତମାନ ଦେଖିବାକୁ ଗଲେ ଜନସଂଖ୍ୟା ଦୃଷ୍ଟିରୁ ୧୬ଟି ପଞ୍ଚାୟତର ତଥା, ଜେନାପୁର, ବୃନ୍ଦାଦେଇପୁର, ମର୍ଯ୍ୟତାପୁର, ମଧୁସୂଦନପୁର, ସାଆଣିଡିହ, କବାଟବନ୍ଧ, ରାଇଛନ୍ଦା, ତାଳଜଙ୍ଗ, ରେଖିଦେଇପୁର, ଚକ୍ରଧରପୁର ଓ ଏଣ୍ଡଳବା ଗ୍ରାମର ଜନସାଧାରଣ ଏହି ବଜାରକୁ ନୈନ୍ଦିନ ଗ୍ରାହକମାନେ ବ୍ୟାବସାୟି ଓ କିଣା ବିକା ଉପରେ ନିର୍ଭର କରିଥାନ୍ତି । ସୂଦୁରରେ ଥିବା ପଡୋଷୀ ଢେଙ୍କାନାଳ ଜିଲ୍ଲାରୁ ଦଶମାଣ,ସୁକିନ୍ଦା ଓ ଦାନଗଦି ବ୍ଲକର ପିଙ୍ଗଲ,ହାତିବାରୀ,ପଙ୍କପାଳ,ଅତା ଭଳି ବିଭିନ୍ନ ଗାଁ ମଧ ଏହି ବଜାରକୁ ବ୍ୟାବସାୟି ଓ କିଣା ବିକା ସୋଉଦା ପାଇଁ ଆସିଥାନ୍ତି । କହିବାକୁ ଗଲେ କବାଟବନ୍ଧ ଗ୍ରାମର ପ୍ରତ୍ୟେକ ଲୋକ ମୁଖ୍ୟତଃ ବାଣିଜ୍ୟ ଉପରେ ନିର୍ଭର କରଥାନ୍ତି । ସେହିପରି ବିଭିନ୍ନ ରାଜ୍ୟ ଯଥା କଲିକତା,ଦିଲ୍ଲୀ,ଗୁଜୁରାଟ,ଆନ୍ଧ୍ରା ଭଳି ପ୍ରଭୃତି ରାଜ୍ୟମାନଙ୍କରେ ରହି ବାଣିଜ୍ୟର ପସରା ମେଲେଇଛନ୍ତି । ଜନସଂଖ୍ୟା ବଢିବା ସଂଗେ ସଂଗେ ଲୋକମାନଙ୍କର ଚାହିଦା ଦିନକୁ ଦିନ ବଢିବାରେ ଲାଗିଛି । ଏହି ବଜାରଟି ଆୟୋତନ ଦୃଷ୍ଟିରୁ ଛୋଟ ହୋଇଥିବା ବେଳେ ରାସ୍ତାର ଦୁଇ ପାର୍ଶ୍ୱରେ ଦୋକାନ ଗୁଡିକ ବ୍ୟାବସାୟି କରିଥାନ୍ତି । ଏବେ ସୁଦ୍ଧା ଜଗନ୍ନାଥ ବଜାରଟି ବୃଦ୍ଧି ପାଇ ୧୫୦ ଦୋକାନରେ ପହଞ୍ଚିଲାଣି । ଯାହା ଫଳରେ ରାସ୍ତା ସଙ୍କୁଚିତ ହେବା ସହ ଗମନାଗମନରେ ଅନେକ ସମୟରେ ବାଧାପ୍ରାପ୍ତ ସୃଷ୍ଟି ହୋଇଥାଏ । ଅଧିକାଂଶ ସମୟରେ ଗ୍ରାହକମାନେ ରାସ୍ତାରେ ଗାଡି ରଖିବା ସହ ଭାରିଯାନ ଯିବା ଫଳରେ ରାସ୍ତା ଜାମ ଓ ଜରୁରୀ କାଳିନ ସେବାରେ ଥିବା ଯାନବାହନ ଦୀର୍ଘ ସମୟ ଅଟକିବା ଯୋଗୁଁ ବିଭିନ୍ନ ପ୍ରକାର ସମସ୍ୟା ସମୁଖୀନ ହେବାର ଦେଖିବାକୁ ମିଳିଥାଏ । ସରକାରଙ୍କ ଅନେକ ଯୋଜନା ଥିବା ବେଳେ ଏ ଅଞ୍ଚଳ ଉନ୍ନତି ସକାଶେ ବଜାରଟି ବିଭିନ୍ନ ସମସ୍ୟା ବହୁଳ ଭିତରେ ବୁଡି ରହିଛି ଯାହା ଦ୍ୱାରା କି ଅଣଦେଖା ଅବହେଳିତ ଅବସ୍ଥାରେ ପଡି ରହିଛି । ସନ୍ଧ୍ୟାରେ ବ୍ୟାବସାୟିମାନଙ୍କ ପାଇଁ ଆଲୋକିକରଣ ସୁବିଧାରୁ ବଞ୍ଚିତ ଏହି ବଜାର । ସୁଦୂର ଅଞ୍ଚଳରୁ ଆସୁଥିବା ଗ୍ରାହକ ଓ ବ୍ୟାବସାୟିମାନଙ୍କ ପାଇଁ ଏକ ବିଶ୍ରାମ ଘର ଆବଶ୍ୟକତା ଥିବା ବେଳେ ବର୍ତ୍ତମାନ ହୋଇପାରିନାହିଁ । ଏଠାରେ ପାନୀୟ ଜଳ କଥା ନକହିବା ଭଲ ସାଧାରଣ ଜନସାଧାରଣ ମୌଳିକ ସୁବିଧାରୁ ବଞ୍ଚିତ ଥିବା ବେଳେ ଶୌଚାଳୟଟିଏ ନଥିବାରୁ ନଦୀ ପାର୍ଶ୍ୱରେ ଶୌଚ ଯାଇ କରିଥାନ୍ତି । ବଜାରର ଅନେକ ବର୍ଜ୍ୟବସ୍ତୁ କୁ ପକାଇବାର ସ୍ଥାନ ନଥିବାରୁ ବ୍ୟାବସାୟିକମାନେ ବନ୍ଧ କଡରେ ଗଦା ଗଦା ଅଳିହା ଆବର୍ଜନା ପଡିଥିବାର ଦେଖିବାକୁ ମିଳିଥିଲା । ଯାହା ଫଳରେ କି ଅଳିହା ଆବର୍ଜନା ହେବା ଯୋଗୁଁ ପରିବେଶ ଦୂଷିତ ହେବାର ସହ ସୌନ୍ଦର୍ଯ୍ୟ ପୂର୍ଣ୍ଣ ନଷ୍ଟ ହେଉଛି । ଏହି ଅଞ୍ଚଳ ବାଣିଜ୍ୟ କ୍ଷେତ୍ରରେ ପ୍ରସିଦ୍ଧ ଲାଭ କରିଥିବା ବେଳେ ୨ଟି ବ୍ୟାଙ୍କ୍ ଯଥା ଓଡିଶା ଗ୍ରାମ୍ୟ ବ୍ୟାଙ୍କ୍ ,ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଓ ଗୋଟିଏ ଏଟିଏମ୍ ଏସ୍ ବି ଆଇ ବ୍ୟାଙ୍କ୍ ର ଥିବା ବେଳେ ଅଧିକାଂଶ ସମୟରେ ବ୍ୟାଙ୍କ୍ ଭିଡ ରହିବା ସହ ଏଟିଏମ୍ ଖରାପ ରହୁଛି । ଯାହା ଫଳରେ ଆର୍ଥିକା କାରବାର କ୍ଷେତ୍ରରେ ବହୁତ ସମସ୍ୟା ଦେଖାଯାଉଛି । ଓଡିଶା ଗ୍ରାମ ବ୍ୟାଙ୍କ୍ ର ଏକ ଏଟିଏମ୍ ସ୍ଥାପନ କଲେ ଜନସାଧାରଣ ଆର୍ଥିକ କାରବାର କ୍ଷେତ୍ରରେ ରାହା ମିଳନ୍ତା । ସରକାରଙ୍କର ବିଭିନ୍ନ ଯୋଜନା ସୁଫଳ ରୂପାୟନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବେଳେ ବ୍ୟାବସାୟିମାନଙ୍କ ପ୍ରତି ଋଣ ଯୋଗାଇ ଦେଲେ ବ୍ୟାବସାୟି କ୍ଷେତ୍ରରେ ଉନ୍ନତିର ଅଗ୍ରସର ହୋଇପାରନ୍ତା । ପ୍ରତି ପଞ୍ଚାୟତକୁ ସରକାରଙ୍କ ମୋ ବସ୍ ଚାଲୁଥିବା ବେଳେ ଯାଜପୁର ଜିଲ୍ଲା ସୀମାନ୍ତ କଳାଣ୍ଡ ଠାରୁ ଯାଜପୁର ସହରଞ୍ଚଳ ପର୍ଯ୍ୟନ୍ତ ଜନସାଧାରଣଙ୍କ ବ୍ୟାବସାୟିକ,କୋର୍ଟ କଚେରି ,ଜିଲ୍ଲାପାଳ କାର୍ଯ୍ୟାଳୟ, ତହସିଲ, ବ୍ଲକ,କାର୍ଯ୍ୟାଳୟକୁ ଗମନାଗମନ ଓ ବ୍ୟାବସାୟି କ୍ଷେତ୍ରରେ ସୁବିଧା ନିମନ୍ତେ ଏକ ବସ୍ ଚଳାଚଳ ପାଇଁ ଅଞ୍ଚଳବାସୀ ଦାବୀ କରିଛନ୍ତି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray